

## ଜିଲ୍ଲା ଚିଠି
## ବଲାଙ୍ଗୀର

# ଦୁର୍ନୀତିର ମାନ ନିରୂପଣ

କିଛିଦିନ ହେଲା ଜିଲାରେ ପ୍ରମୁଖ ଚର୍ଚ୍ଚାର ବିଷୟ ଥିଲା ପାଟଣାଗଡ଼ ବିଧାୟକଙ୍କ ଜେଲ ଯିବା ପ୍ରସଙ୍ଗ। ନିମ୍ନମାନର ରାସ୍ତା କାମ ଅଭିଯୋଗର ତଦନ୍ତ କରିବାକୁ ଯାଇ ବିଧାୟକ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ସର୍ବସମ୍ମୁଖରେ କାନଧରି ଉଠ୍‌ବସ୍ ହେବାକୁ ନିର୍ଦ୍ଦେଶ ଦେଇ ହରଡ଼ଘଣାରେ ପଡ଼ିଥିଲେ। ଆଇନକୁ ହାତକୁ ନେଇ ଜେଲ ବି ଗଲେ। ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଲା ଯେ, କୌଣସି ବ୍ୟକ୍ତି ଆଇନକୁ ହାତକୁ ନେବା ଠିକ୍ ନୁହେଁ। ଏଭଳି କାର୍ଯ୍ୟାନୁଷ୍ଠାନକୁ ଅନେକେ ସ୍ୱାଗତ ବି କଲେ। ଏହି ଘଟଣାଟି ଜିଲାରେ ଅନେକ ଦିଗରୁ ଅନେକଙ୍କ ପାଇଁ ଶିକ୍ଷଣୀୟ ହେଲା। ଲୋକେ ଏହାକୁ ନେଇ ଭିନ୍ନଭିନ୍ନ ଦିଗରୁ ବିଚାରବିମର୍ଶ, ଚର୍ଚ୍ଚା ଆଲୋଚନା କରୁଛନ୍ତି। ତେବେ ଏହି ଚର୍ଚ୍ଚା, ଆଲୋଚନା ଭିତରେ ବେଲପଡା ବ୍ଲକ୍ ଗମ୍ଭାରୀ ଗାଁର ଚର୍ଚ୍ଚିତ ରାସ୍ତା ଦୁର୍ନୀତି ପ୍ରସଙ୍ଗ କିନ୍ତୁ ଫିକା ପଡିଯାଇଛି। ରାସ୍ତାର ମାନ ପରୀକ୍ଷା ରିପୋର୍ଟ ଲୋକଲୋଚନକୁ ଆସିବାରେ ବିଳମ୍ବ ହେଉଛି। ଏ ସଂକ୍ରାନ୍ତ ରିପୋର୍ଟ କେବେ ଲୋକଲୋଚନକୁ ଆସିବ ତାର କିଛି ନିର୍ଦ୍ଦିଷ୍ଟ ସୂଚନା କାହାରି ପାଖରେ ନାହିଁ। ଏହାକୁ ନେଇ ଜିଲାରେ ସରଗରମ ଆଲୋଚନା ଜାରି ରହିଛି। ଆଇନକୁ ହାତକୁ ନେଇଥିବାରୁ ଜଣେ ବିଧାୟକଙ୍କ ବିରୋଧରେ ଯେଭଳି ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ହେଲା, ଠିକ୍ ସେଭଳି ତତ୍ପରତା ଗମ୍ଭାରୀ ଗାଁର ରାସ୍ତା ଦୁର୍ନୀତି ଅଭିଯୋଗର ତଦନ୍ତ ଦିଗରେ ହେବା କଥା। ମାତ୍ର ଏହା ହୋଇନାହିଁ। ପୂର୍ତ୍ତ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଏକ କ୍ଷମତାପ୍ରାପ୍ତ ବୈଷୟିକ ଟିମ୍ ଆସି ଗମ୍ଭାରୀ ଗାଁର ଉକ୍ତ ରାସ୍ତାର ମାନ ପରୀକ୍ଷା କରି ନମୁନା ସଂଗ୍ରହ କରିଥିଲେ। ଇତିମଧ୍ୟରେ ୧ ମାସ ବିତିଯାଇଥିଲେ ମଧ୍ୟ ଉକ୍ତ ରାସ୍ତାର ମାନ ପରୀକ୍ଷା ରିପୋର୍ଟ ଆସିନାହିଁ। ଫଳରେ ଉକ୍ତ ରାସ୍ତା କାମରେ ଦୁର୍ନୀତି ହୋଇଛି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଏହାକୁ ନେଇ ସାଧାରଣରେ ନାନା ସନ୍ଦେହ ଓ ପ୍ରଶ୍ନ ଜାତ ହେଉଛି। କେବିକେ ଅନ୍ତର୍ଗତ ବଲାଙ୍ଗୀର ଜିଲାରେ ସ୍ୱଚ୍ଛ ପ୍ରଶାସନ ଓ କ୍ଷିପ୍ର ଉନ୍ନୟନ ଉପରେ ପ୍ରାଥମିକତା ହେଉଛି ସରକାରଙ୍କ ଘୋଷିତ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ତେବେ ଜିଲାରେ ଦୁର୍ନୀତି ଏକ ବଡ଼ ପ୍ରସଙ୍ଗ ଭାବେ ଚର୍ଚ୍ଚିତ ହୋଇରହିଛି। ଗତ ପ୍ରାୟ ତିନି ଦଶନ୍ଧି ଭିତରେ ଯେତିକି ଯୋଜନା କାର୍ଯ୍ୟକାରୀ ହୋଇଛି, ସେଥିରେ ଅନେକ ପ୍ରଶାସନିକ ଅଧିକାରୀ ଓ ସରକାରୀ କର୍ମଚାରୀଙ୍କ ବିରୋଧରେ ଗୁରୁତର ଦୁର୍ନୀତି ଅଭିଯୋଗ ବି ଆସିଛି। ରାସ୍ତା କାମଠୁ ଆରମ୍ଭ କରି ମେଗା ପ୍ରକଳ୍ପରେ ଅନେକ ଯନ୍ତ୍ରୀ ଓ ଅଧିକାରୀ ମାଲାମାଲ ହେବା ଗଣମାଧ୍ୟମର ପୃଷ୍ଠାମଣ୍ଡନ କରିଛି। ବିଭିନ୍ନ ବିଭାଗର ଅନେକ ଅଧିକାରୀ ଓ ଯନ୍ତ୍ରୀ ଭିଜିଲାନ୍ସ ହାବୁଡ଼ରେ ପଡ଼ିଛନ୍ତି। ସେମାନଙ୍କ ବିରୋଧରେ ଆୟ ବହିର୍ଭୂତ ଠୁଳ ମାମଲା ବି ରୁଜୁ ହୋଇଛି। ହେଲେ ବହୁତ କମ୍ ଅଧିକାରୀ ଓ ଯନ୍ତ୍ରୀଙ୍କ ଅଭିଯୋଗଗୁଡ଼ିକର ତ୍ୱରିତ୍ ଫଇସଲା ହୋଇଛି। ଅନେକ ଅଧିକାରୀ ଓ ଯନ୍ତ୍ରୀ ବଡ଼ବଡ଼ ଦୁର୍ନୀତିରେ ଲିପ୍ତ ଥାଇ ବି ଧରା ପଡୁନାହାନ୍ତି। ଏହା ଆମ ଆଇନ ବ୍ୟବସ୍ଥାର ଦୁର୍ବଳତାକୁ ସୂଚିତ କରୁଛି। ଏହି ଦୁର୍ବଳତାର ଫାଇଦା ନେଇ ଦୁର୍ନୀତି ଓ କେତେକ ଦୁର୍ନୀତିଖୋର ଅଧିକାରୀ, ଯନ୍ତ୍ରୀ ଏଠି ବସାବାନ୍ଧି ରହିଛନ୍ତି। ଜିଲାର ସାଧାରଣ ଲୋକଙ୍କ ସରଳତା, ବୁଦ୍ଧିଜୀବୀଙ୍କ ନୀରବତା ଓ କେତେକ ରାଜନେତାଙ୍କ ସଂକୀର୍ଣ୍ଣ ରାଜନୀତି ଏଭଳି ଦୁର୍ନୀତିଖୋର ଅଧିକାରୀ ଓ ଯନ୍ତ୍ରୀଙ୍କୁ ବେଶ୍ ସୁହାଇବା ସହ ଦୁର୍ନୀତିକୁ ପ୍ରଶ୍ରୟ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଚର୍ଚ୍ଚାର ବିଷୟ ହୋଇଛି। ଏଭଳି କ୍ଷେତ୍ରରେ ଦୁର୍ନୀତିଖୋର ଅଧିକାରୀ ଓ ଯନ୍ତ୍ରୀଙ୍କ ବିରୋଧରେ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଦୁର୍ନୀତି ଏଠି ଦେହସୁହା ହୋଇଗଲାଣି। ମାନ ନିରୂପଣର ବିଳମ୍ବିତ ପ୍ରକ୍ରିୟା ଦୁର୍ନୀତିକୁ ଘଣ୍ଟ ଘୋଡ଼ାଇଲା ଭଳି ହୋଇଯାଉଛି।

– ବୀରେନ୍ଦ୍ର କୁମାର ଝାଙ୍କର

# 'ଭାଜପା ସାମ୍ପ୍ରଦାୟିକ, ରାଜନୈତିକ ଆକ୍ରମଣ ଚଳାଇଛି'

ଭୁବନେଶ୍ୱର,୭।୭(ବ୍ୟୁରୋ)

ଦେଶର ସମ୍ବିଧାନ ଏବଂ ଗଣତନ୍ତ୍ର ପ୍ରତି ବିପଦ ରହିଛି। ଏହାକୁ ପ୍ରତିରୋଧ କରିବା ପାଇଁ ଏକ ବୃହତ୍ତର ମିଳିତ ଅଭିଯାନର ଆବଶ୍ୟକତା ରହିଛି। କେନ୍ଦ୍ରରେ କ୍ଷମତାସୀନ ଭାଜପା ନେତୃତ୍ୱରେ ଶାସନ କରୁଥିବା ଏନ୍‌ଡିଏ ସାମ୍ପ୍ରଦାୟିକତା ଏବଂ ଜାତିଆଣ ଆକ୍ରମଣ ଚଳାଇଛି ବୋଲି ରବିବାର ସିପିଏମ୍ ନେତା ସୀତାରାମ ୟେଚୁରୀ କହିଛନ୍ତି। ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସଠାରେ ଆୟୋଜିତ 'ସାମ୍ପ୍ରତିକ ପରିସ୍ଥିତି ଓ ଆମର କର୍ତ୍ତବ୍ୟ' ଶୀର୍ଷକ ଆଲୋଚନାରେ ଭାଗନେଇ ୟେଚୁରୀ ଏହା କହିଛନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆରଏସ୍‌ଏସ୍) ଏବଂ ଭାଜପାକୁ ସୀତାରାମ କଡ଼ା ସମାଲୋଚନା କରିଛନ୍ତି।

ସୀତାରାମ କହିଛନ୍ତି ଯେ, ଭାଜପା ସରକାର ହିଁ ଜାତିଆଣ ଏବଂ ସାମ୍ପ୍ରଦାୟିକ ଆକ୍ରମଣ ଚଳାଇଛି। ଦେଶର ଗଣତନ୍ତ୍ର ଏବେ ଧ୍ୱଂସାଭିମୁଖୀ। ୨୦୧୪ ସାଧାରଣ ନିର୍ବାଚନରେ ବାର୍ଷିକ ୨ କୋଟି ନିଯୁକ୍ତି ନେଇ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ କରାଯାଇନାହିଁ। ସଦ୍ୟ ଉପସ୍ଥାପିତ ବଜେଟରେ ବେକାରିଙ୍କ ନିଯୁକ୍ତି ନେଇ କୌଣସି ପ୍ରସ୍ତାବ ନାହିଁ। କୃଷକମାନେ ଲାଭଜନକ ମୂଲ୍ୟ ପାଇଲେ ନାହିଁ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ଚଳିତଥର ମାତ୍ର କୁଇଣ୍ଟାଲ ପିଛା ୬୫ ଟଙ୍କା ବୃଦ୍ଧି ପାଇଛି। ଦେଶକୁ ରାଜନୈତିକ ଭାବେ ବିଭକ୍ତ କରିବା ପାଇଁ ଜାତିଆଣ ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯାଉଛି। ଏପରି କି ଜମ୍ମୁ-କଶ୍ମୀରରୁ ୩୭୦ ଧାରା ହଟାଇବା ପାଇଁ କେନ୍ଦ୍ର ମନ୍ତ୍ରୀମାନେ ଧମକ ଦେଉଥିବା ୟେଚୁରୀ ଅଭିଯୋଗ କରିଛନ୍ତି। ସେହିଭଳି ନିକଟରେ ବୈଠକ ଡକାଇ ଯେପରି ଭାବେ ପ୍ରଧାନମନ୍ତ୍ରୀ 'ଏକ ଦେଶ ଏକ ନିର୍ବାଚନ' ପ୍ରସଙ୍ଗକୁ ଉପସ୍ଥାପନ କଲେ, ତାହା ଅଗଣତାନ୍ତ୍ରିକ ବୋଲି ଏହି ସିପିଏମ୍ ନେତା ଅଭିଯୋଗ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସିପିଏମ୍ ନେତା ଅଳିକିଶୋର ପଟ୍ଟନାୟକ ବିଜେଡି-ଭାଜପା ଅଘୋଷିତ ମେଣ୍ଟକୁ ସମାଲୋଚନା କରିଥିଲେ। ଲୋକଙ୍କୁ ବୋକା ବନାଇ ଉଭୟ ଦଳ ଉପରଠାଉରିଆ ଭାବେ ଅଭିନୟ କରୁଥିବା ଅଳି କହିଛନ୍ତି। ସୀତାରାମ ୟେଚୁରୀ ରାଜ୍ୟ ବିଧାନସଭାର ଏକମାତ୍ର ସିପିଏମ୍ ସଭ୍ୟ ଲକ୍ଷ୍ମଣ ମୁଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।




ସୀତାରାମ ୟେଚୁରୀ

## ଲକ୍ଷ୍ମଣ ମୁଣ୍ଡାଙ୍କୁ ସମ୍ବର୍ଦ୍ଧନା

# ବନ୍ଧୁକ ଦେଖାଇ ଲୁଟି ନେଲେ ୧.୮୯ ଲକ୍ଷ ଟଙ୍କା

ଖୋର୍ଦ୍ଧା ଅଫିସ/ବାଲୁଗାଁ, ୭।୭(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଣପୁର ଥାନା କୁମାରଙ୍ଗରୋଡର ବଡ଼ଶଙ୍ଖ ନିକଟରେ ରବିବାର ପୂର୍ବାହ୍ନ ସାଢ଼େ ୧୦ଟାରେ ବନ୍ଧୁକ ଦେଖାଇ ଦୁଇଜଣ ଦୁର୍ବୃତ୍ତ ସ୍କୁଟି ଓ ମୋବାଇଲ ସହ ୧ ଲକ୍ଷ ୮୯ ହଜାର ୮୦୮ ଟଙ୍କା ଲୁଟି ନେଇଛନ୍ତି। ବାଣପୁର ଅଞ୍ଚଳର ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା କର୍ମଚାରୀ ବବିତା ପାତ୍ରଙ୍କଠାରୁ ଏହି ଲୁଟ୍ ହୋଇଛି। ଅର୍ଥ ଲଗାଣକାରୀ ସଂସ୍ଥାର ମ୍ୟାନେଜର ଦେବୀଦତ୍ତ ହରିଚନ୍ଦନଙ୍କ ସହ ବବିତା ମିଶି ବାଣପୁର ଅଞ୍ଚଳର ୭ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀଠାରୁ ଋଣ ବାବଦ ଟଙ୍କା ଆଦାୟ କରି କାର୍ଯ୍ୟାଳୟକୁ ଫେରୁଥିଲେ। ବବିତା ସ୍କୁଟିରେ ଓ ଦେବୀଦତ୍ତ ବାଇକ୍ ଯୋଗେ ଆସୁଥିଲେ। ସ୍କୁଟି ଡିକିରେ ଟଙ୍କା, ମୋବାଇଲ ଥିଲା। ପଛପଟୁ ଏକ ନୀଳରଙ୍ଗର ପଲସର ବାଇକ୍‌ରେ ଦୁଇଜଣ ଦୁର୍ବୃତ୍ତ ସେମାନଙ୍କ ପିଛା କରି ବାଇକ୍ ଓ ସ୍କୁଟି ଅଟକାଇ ଥିଲେ। ଉଭୟଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ପରେ ଟଙ୍କା, ସ୍କୁଟି ଓ ମୋବାଇଲ ଛଡ଼ାଇ ପଳାଇ ଯାଇଥିଲେ। ଏ ନେଇ ବାଣପୁର ଥାନାରେ ଅଭିଯୋଗ ପରେ ପୋଲିସ ନଂ. ୧୯୫/୧୯ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପୋଲିସ ବାଣପୁରକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ସିଲ୍ କରି ତଲାସି କରିବା ସହ ଆଖପାଖ ବିଭିନ୍ନ ଥାନାକୁ ଲୁଟ୍ ସମ୍ପର୍କରେ ଅବଗତ କରାଇଛି। ହେଲେ ଲୁଟେରାଙ୍କ ଟେର ପୋଲିସ ପାଇନାହିଁ।

■ କେନ୍ଦ୍ର ବଜେଟ ବିରୋଧରେ ସିପିଆଇର ବିକ୍ଷୋଭ

# କ୍ଷତିଗ୍ରସ୍ତ ହେବେ ୧୦କୋଟି ଖୁଚୁରା ବ୍ୟବସାୟୀ

ଭୁବନେଶ୍ୱର, ୭।୭(ବ୍ୟୁରୋ)

ବଜେଟରେ କେନ୍ଦ୍ର ସରକାର ବିଦେଶୀ କମ୍ପାନୀଙ୍କୁ ଭାରତର ଖୁଚୁରା ବଜାରରେ ପ୍ରବେଶ ପାଇଁ ଅନୁମତି ଦେଇଛନ୍ତି। ଫଳରେ ଦେଶର ୧୦ କୋଟିରୁ ଊର୍ଦ୍ଧ୍ୱ କ୍ଷୁଦ୍ର ବ୍ୟବସାୟୀ ଓ ଉଠା ଦୋକାନୀ କ୍ଷତିଗ୍ରସ୍ତ ହେବେ। ଏହାବ୍ୟତୀତ ରାଷ୍ଟ୍ରାୟତ ଓ ସରକାରୀ ଉଦ୍ୟୋଗଗୁଡ଼ିକ ପୁଞ୍ଜି ପ୍ରତ୍ୟାହାର କରି ସେସବୁକୁ ଘରୋଇ ପୁଞ୍ଜିପତିମାନଙ୍କ ହାତରେ ଟେକି ଦେବେ। ଏହା ସମ୍ପୂର୍ଣ୍ଣ ଭାବେ ଦେଶର ସ୍ୱାର୍ଥ ବିରୋଧୀ। କେନ୍ଦ୍ର ସରକାର ଏନେଇ ପୁନର୍ବାର ଚିନ୍ତା କରିବା ଆବଶ୍ୟକ ବୋଲି ସିପିଆଇ ଜୋନ୍ ସମ୍ପାଦକ ସୁର ଜେନା କହିଛନ୍ତି।

ରବିବାର ପୂର୍ବାହ୍ନରେ ସିପିଆଇ ପକ୍ଷରୁ କେନ୍ଦ୍ର ବଜେଟ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସିପିଆଇର ରାଜ୍ୟ ମୁଖ୍ୟାଳୟ ଭଗବତୀ ଭବନଠାରୁ ଶତାଧିକ ଦଳୀୟ କର୍ମୀ ଶୋଭାଯାତ୍ରାରେ ବାହାରି ରାଜମହଲ ଛକ ନିକଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପେଟ୍ରୋଲ ଓ ଡେଜେଲ ଉପରେ ଟିକସ ବୃଦ୍ଧିର ପ୍ରତିବାଦ କରିବା ଅବସରରେ ସିପିଆଇ ଜୋନ୍ ସମ୍ପାଦକ ଜେନା କହିଥିଲେ ଯେ, ପୁଞ୍ଜିପତିମାନଙ୍କୁ କେନ୍ଦ୍ର ସରକାର ଟିକସ ରିହାତି ଦେଇଛନ୍ତି। ଜଣେ ସାଧାରଣ ଲୋକ ପାଇଁ ଏହା ଉଚିତ୍ ବଜେଟ ନୁହେଁ। ବିଭିନ୍ନ ରାଜନୈତିକ ଦଳ ସାଧାରଣ ଲୋକଙ୍କ ଲାଗି କାର୍ଯ୍ୟ କରୁଛନ୍ତି ବୋଲି ଢେଣ୍ଡୁରା ପିଟୁଛନ୍ତି। କିନ୍ତୁ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଇବାବେଳେ ସେମାନେ ଏହାର ପ୍ରତିବାଦ କରିବାରେ ପଛଘୁଞ୍ଚା ଦେଉଛନ୍ତି। ପୂର୍ବରୁ ଅନ୍ୟ ଦଳମାନେ ମଧ୍ୟ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ନେଇ ପ୍ରତିବାଦ କରୁଥିଲେ। କିନ୍ତୁ ଏବେ ସେମାନେ ନିରବ ରହି କେନ୍ଦ୍ର ସରକାରଙ୍କ ହଁରେ ହଁ ଓ ନା' ରେ ନା ମିଳାଇ ଚାଲୁଛନ୍ତି। ହେଲେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସେତେବେଳେ ବି ବିରୋଧ କରୁଥିଲା ଆଉ ଏବେ ମଧ୍ୟ ବିରୋଧ କରୁଛି ବୋଲି ଜେନା କହିଛନ୍ତି। ଏହି ଶୋଭାଯାତ୍ରାରେ ଜୋନ୍ ସମ୍ପାଦକ କୈଳାସ ପୁହାଣ, ମମତା ବରାଳ, ଛେତମ୍ବର ଭୋଇ, ରୀତା ସେଠୀ, ଲୋକନାଥ ଭୋଇ ଓ ଅଜିତ ମହାପାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ପରଚାଳନା କରିଥିଲେ।




ଭୁବନେଶ୍ୱରସ୍ଥିତ ରାଜମହଲ ଛକଠାରେ ସିପିଆଇ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।




See Career Appointment on every Wednesday & Saturday

## ଜନ୍ମଦିନ ଶୁଭେଚ୍ଛା



ପ୍ରିୟାଙ୍ଗୀ ଦାଶ (ପିୟୁ)
କୁଣ୍ଢାଇବେଣ୍ଟ ସାହି, ପଞ୍ଚୁଚଉରା, ପୁରୀ
ଆଜି ତୋର ଦ୍ୱିତୀୟ ଜନ୍ମବାର୍ଷିକୀରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁ, ମା ମଙ୍ଗଳାଙ୍କ ପାଖରେ ବିନମ୍ର ପ୍ରାର୍ଥନା, ସେମାନେ ତୋର ଭବିଷ୍ୟତ ଉଜ୍ଜ୍ୱଳ କରିବା ସହିତ ତୋତେ ନୀରୋଗ ଓ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ
ବାପା, ଜେଜେ, ବୋଉ, ମାଆ, ଅପା, ବଡ଼ବାପା, ବଡ଼ମାମା, ପାପା, ମାମା, ଚାଚୁ, ଭବାନୀ ଦାଦା, ଖୁସି ଦିଦି, ପ୍ରାପ୍ତି ଦିଦି, ଅଜା, ଆଇ, ମାମୁମାନେ ଏବଂ ଜୟମାଧବ ଦାସ।
ଧ-୬୪୦୭୧

## ପ୍ରଥମ ବିବାହ ବାର୍ଷିକୀ ଶୁଭେଚ୍ଛା



Soumya & Preity
Unit-3, BBSR
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କୃପାରୁ ତୁମ ଦୁଇଜଣଙ୍କ ବିବାହ ବନ୍ଧନ ସୁଦୃଢ଼ ଓ ଦୀର୍ଘାୟୁ ହେଉ। ସୁଖରେ ଶାନ୍ତିରେ ପରିବାର, ଆତ୍ମୀୟ ସ୍ୱଜନ ହସିଉଠନ୍ତୁ।
ଶୁଭେଚ୍ଛାସହ: ବାବା, ମା, ଭାଇ ଓ ଭାଉଜ।
ଧ-୬୪୬୬୧

## Marriage Wish



Rajendra (Bapu) & Barsha (Dimple)
Wish you a Happy Married Life
Best wishes from:
Mitu, Mami, Papu, Gudu, Shradha, Kunal
D-13312

## FOR GENERAL PUBLIC

The Company **M/s Arya Agri & Aqua Private Limited** has been appointed **Mr. Sushanta Kumar Paikarai, S/o : Prasanna Kumar Paikarai** at Badagaon, Dist : Puri on **08.06.2019** at their work site as General Manager and same also withdraw on **01.07.2019**. Out of 2 nos. original letter, one letter with Mr. Paikari and the body of one letter **Mr. Sushanta Kumar Paikarai** also signed the cancellation. From **01.07.2019** onwards, Mr. Paikarai is no more our employee and our company is not responsible for any act of **Mr. Sushanta Kumar Paikarai** from **01.07.2019.**

***Management***

# ଡକାୟତି ଯୋଜନା ପଣ୍ଡ,୫ ଗିରଫ

ସୋରଡ଼ା,୭।୭(ଡି.ଏନ୍.ଏ.)

## ମାରଣାସ୍ତ୍ର ଜବତ

ଗଞ୍ଜାମ ଜିଲା ସୋରଡ଼ା ବ୍ଲକ ଲାଠିପଡ଼ା ଅଞ୍ଚଳରେ ଡକାୟତି ଉଦ୍ୟମ କରୁଥିବା ୫ଜଣ ଡକାୟତଙ୍କୁ ପୋଲିସ ଶନିବାର ମଧ୍ୟରାତିରେ ଗିରଫ କରିଛି। ସେମାନେ ହେଲେ ଆଠଗଡ଼ ପାଟଣାର ଅକ୍ଷୟ ନାୟକ, ବଡ଼ ଆଗୁଳର ତନୁଜା ସ୍ୱାଇଁ, କବିସୂର୍ଯ୍ୟନଗରର ପପୁ ନାୟକ, ଗୁଣ୍ଡୁପଡ଼ାର ଅଜିତ କୁମାର ସ୍ୱାଇଁ, ଶତ୍ରୁଘ୍ନ ସ୍ୱାଇଁ। ଅନ୍ୟ ୩ଜଣ ଫେରାର୍ ହୋଇଯାଇଛନ୍ତି।

ଥାନାଧିକାରୀ ପ୍ରଭାତ ସାହୁଙ୍କ ସୂଚନା ପ୍ରକାରେ, ଲାଠିପଡ଼ା ବିଦ୍ୟାଳୟ ପରିସରେ ଡକାୟତମାନେ ଡକାୟତି ପାଇଁ ଯୋଜନା କରୁଥିବା ଖବର ପାଇଁ ପୋଲିସ ପାଟ୍ରୋଲିଂ ଗାଡ଼ି ପହଞ୍ଚି ଚଢ଼ାଉ କରିଥିଲା। ସେଠାରୁ ଗୋଟିଏ ଦେଶୀ ବନ୍ଧୁକ, ୨ଟି ବୋମା, ୨ ଖଣ୍ଡା, ଗୋଟିଏ ହେଲ୍‌ମେଟ୍, ୨ଟି ଲୁହାରଡ଼ ଓ ୩ ମୋବାଇଲ ଜବତ ହୋଇଛି। ଏ ନେଇ ସୋରଡ଼ା ପୋଲିସ ନଂ. ୧୦୩/୧୯ରେ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ରବିବାର ମଧ୍ୟାହ୍ନରେ କୋର୍ଟଚାଲାଣ କରିଛି। ଶତ୍ରୁଘ୍ନଙ୍କ ନାମରେ ଜଗନ୍ନାଥ ଥାନାରେ ୧୨ରୁ ଊର୍ଦ୍ଧ୍ୱ ମାମଲା ରହିଥିବା ଥାନାଧିକାରୀ କହିଛନ୍ତି। ଚଢ଼ାଉରେ ଏସ୍‌ଆଇଏସ୍ କଣ୍ଡ ଗୋରିଙ୍କ ନେତୃତ୍ୱରେ ପୋଲିସ ଦଳ ସାମିଲ ଥିଲେ।

# ମହାପ୍ରଭୁଙ୍କର ହେଲା ବନକଲାଗି

ପୁରୀ ଅଫିସ, ୭।୭

ନବଦିନାତ୍ମକ ଯାତ୍ରାରେ ଆସି ଆଡ଼ପ ମଣ୍ଡପରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ଚତୁର୍ଦ୍ଧାବିଗ୍ରହ। ହଜାର ହଜାର ଭକ୍ତ ଦାରୁବିଗ୍ରହଙ୍କୁ ଦର୍ଶନ କରି କୃତାର୍ଥ ହେଉଛନ୍ତି। ବିଧି ଅନୁଯାୟୀ, ରବିବାର ଶ୍ରୀଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କର ବନକଲାଗି କରାଯାଇଛି। ଏହି ନୀତି ପାଇଁ ରାତି ୯ଟାରୁ ଠାକୁରଙ୍କ ଦର୍ଶନ ବନ୍ଦ ରହିଥିଲା। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଗୁଣ୍ଡିଚା ମନ୍ଦିରର ଜୟବିଜୟ ଦ୍ୱାର ବନ୍ଦ କରି ଦତ୍ତମହାପାତ୍ର ସେବକମାନେ ଦାରୁବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧନରେ ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୂତ ଭାବେ ପ୍ରସାଧନ ପ୍ରସ୍ତୁତ କରିଥିଲେ। ପରମ୍ପରା ଅନୁଯାୟୀ, ହେରା ପଞ୍ଚମୀ ପୂର୍ବଦିନ ମହାପ୍ରଭୁଙ୍କର ବନକଲାଗି କରାଯାଏ। ସୋମବାର ହେରାପଞ୍ଚମୀ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦେଖିବା ପାଇଁ ଗୁଣ୍ଡିଚା ମନ୍ଦିର ଆସିବେ ମା' ଲକ୍ଷ୍ମୀ ଠାକୁରାଣୀ। ତେଣୁ ଏହା ପୂର୍ବରୁ ପ୍ରାକୃତିକ ରଙ୍ଗରେ ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରାଯାଇଛି।







# ଆଜି ହେରାପଞ୍ଚମୀ

## ଲକ୍ଷ୍ମୀ ଠାକୁରାଣୀ ଭାଙ୍ଗିବେ ନନ୍ଦିଘୋଷ ରଥ

ପୁରୀ ଅଫିସ, ୭।୭

ଶ୍ରୀଦେବୀ (ଲକ୍ଷ୍ମୀ ଠାକୁରାଣୀ)ଙ୍କୁ ଛାଡ଼ି ମହାପ୍ରଭୁ ଶ୍ରୀଜଗନ୍ନାଥ ଭଉଣୀ ଭାଇଙ୍କୁ ସାଥୀରେ ଧରି ନବଦିନାତ୍ମକ ଯାତ୍ରା କରିଛନ୍ତି। ତାଙ୍କୁ ସାଙ୍ଗରେ ଆଣି ନ ଥିବାରୁ ଅଭିମାନରେ ରହିଛନ୍ତି ଶ୍ରୀଦେବୀ। ତେଣୁ କାଳିଆ ଠାକୁରଙ୍କୁ ଫେରାଇ ନେବାକୁ ସେ ଗୁଣ୍ଡିଚା ମନ୍ଦିର ଆସନ୍ତି। ହେଲେ ୯ ଦିନର ଯାତ୍ରା ନ ସରିବା ପର୍ଯ୍ୟନ୍ତ ମହାପ୍ରଭୁ ଶ୍ରୀମନ୍ଦିର ଫେରିବେ ନାହିଁ ବୋଲି କହନ୍ତି। ଏଥିରେ ରାଗିଯାଇ ଫେରିଲା ବେଳେ ମହାପ୍ରଭୁଙ୍କ ରଥ ଭାଙ୍ଗି ଦେଇଯାନ୍ତି ଅଭିମାନିନୀ ଲକ୍ଷ୍ମୀ ଠାକୁରାଣୀ। ଏହି ପରମ୍ପରାକୁ ହେରାପଞ୍ଚମୀ କୁହାଯାଏ। ସୋମବାର ପାଳିତ ହେବ ଏହି ନୀତି। ଶ୍ରୀମନ୍ଦିରରୁ ଶ୍ରୀଦେବୀ ଆସିବେ ଗୁଣ୍ଡିଚା ମନ୍ଦିର। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ ହୋଇଛି। ଭୋର ୪ଟାରେ ଦ୍ୱାର ଫିଟା ଯାଇ ୫ଟା ସୁଦ୍ଧା ମଙ୍ଗଳ ଆଳତି ବଢ଼ିବ। ମଇଲମ, ତଡ଼ପଲାଗି ନୀତି ବଢ଼ି ସକାଳ ୬ଟାରେ ଅବକାଶ ନୀତି ସମ୍ପନ୍ନ ହେବ। ସକାଳ ୬ଟା ୩୦ରୁ ୭ଟା ୩୦ ପର୍ଯ୍ୟନ୍ତ ସାହାଣମେଲା ଦର୍ଶନ ପରେ ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ହୋଇ ଠାକୁରଙ୍କ ବେଶ ବଢ଼ିବ। ପୂର୍ବାହ୍ନ ୧୦ଟାରୁ ୧୧ଟା ୩୦ ମଧ୍ୟରେ ସକାଳ ଧୂପ ଏବଂ ମଧ୍ୟାହ୍ନ ୧୨ଟା ୩୦ ସୁଦ୍ଧା ଭୋଗ ମଣ୍ଡପ ବଢ଼ିବ। ଏହାପରେ ମହାପ୍ରଭୁଙ୍କ ମଇଲମ, ଯାତ୍ରାଙ୍ଗୀ ମହାସ୍ନାନ, ଘଣ୍ଟଛତା ସର୍ବାଙ୍ଗ, ନୂଆଲୁଗା ଲାଗି ବେଶ ହେବ। ଅପରାହ୍ନ ୩ଟାରୁ ୪ଟା ୩୦ ମଧ୍ୟରେ ମଧ୍ୟାହ୍ନ ଧୂପ ନୀତି ବଢ଼ି ଅପରାହ୍ନ ୫ଟା ୩୦ ସୁଦ୍ଧା ଦ୍ୱିତୀୟ ଭୋଗ ମଣ୍ଡପ ବଢ଼ିବ। ଏହାପରେ ମଇଲମ, ସନ୍ଧ୍ୟା ଆଳତି, ମହାପ୍ରଭୁଙ୍କ ବାଡ଼ରେ ମହାସ୍ନାନ, ତିନିବାଡ଼ରେ ଘଣ୍ଟଛତା ସର୍ବାଙ୍ଗ, ନୂଆଲୁଗା ଲାଗି ଏବଂ ଅଳଙ୍କାର ଲାଗି ହୋଇ ଠାକୁରଙ୍କ ବେଶ ହେବ। ପରେ ସନ୍ଧ୍ୟାଧୂପ ହେବ। ସନ୍ଧ୍ୟାଧୂପ ପୂଜା ବସିଥିବାବେଳେ ରଥ ନିକଟରେ ନୀତି ସାରି ଶ୍ରୀଦେବୀ ଜଗମୋହନକୁ ବିଜେ କରିବେ। ଶ୍ରୀଦେବୀଙ୍କୁ ଆଜ୍ଞାମାଳ ଲାଗି ହେବା ପରେ ସନ୍ଧ୍ୟାଧୂପ ଟେରା ପଡ଼ିବ। ରାତ୍ର ୯ଟା ୫୦ ସୁଦ୍ଧା ସନ୍ଧ୍ୟାଧୂପ ବଢ଼ିବ। ପରେ ମଇଲମ, ଚନ୍ଦନଲାଗି ଓ ବଡ଼ସିଂହାର ହୋଇ ରାତ୍ର ୧ଟା ସୁଦ୍ଧା ପହୁଡ଼ ହେବାକୁ ନୀତି ନିର୍ଘଣ୍ଟ କରାଯାଇଛି।

# ମାଓବାଦୀ ନବୀନ ସଙ୍ଗଠନରୁ ବହିଷ୍କୃତ

ଚିତ୍ରକୋଣ୍ଡା,୭।୭(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ମାଓବାଦୀ ନେତା ତଥା ଗାଲିକୋଣ୍ଡା ମାଓବାଦୀ ସଙ୍ଗଠନ ସମ୍ପାଦକ ନବୀନଙ୍କୁ ମାଓବାଦୀ ସଙ୍ଗଠନରୁ ବହିଷ୍କାର କରାଯାଇଛି। ଏନେଇ ଆନ୍ଧ୍ର-ଓଡ଼ିଶା ସ୍ୱତନ୍ତ୍ର ବର୍ଡର ଜୋନାଲ କମିଟି (ଏଓବିଜେଡ୍‌ସି) ମୁଖ୍ୟ ଗଣେଶ ତେଲୁଗୁ ଭାଷାରେ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି। ଦଳ ବିରୋଧୀ ଆଚରଣ ଓ ଆଦିବାସୀ ମହିଳାଙ୍କ ପ୍ରତି ଅସଦାଚରଣ ପ୍ରଦର୍ଶନ କରି ନବୀନ ମାଓବାଦୀ ଆଦର୍ଶରୁ ବିଚ୍ୟୁତ ହୋଇଥିବାରୁ ତାଙ୍କୁ ସଙ୍ଗଠନରୁ ବହିଷ୍କୃତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ବୋଲି ଇସ୍ତାହାରରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ନବୀନଙ୍କ ଜିଦ୍‌ଖୋର ମନୋଭାବ ଏବଂ ତାଙ୍କ କାର୍ଯ୍ୟକଳାପ ଯୋଗୁ ବିଚ୍ଛିନ୍ନାଞ୍ଚଳର ଅଧିବାସୀମାନେ ମାଓବାଦୀ କାର୍ଯ୍ୟକଳାପକୁ ସମର୍ଥନ କରିବା ବନ୍ଦ କରିଦେଇଥିଲେ। ଏହା ମଧ୍ୟ ତାଙ୍କ ବହିଷ୍କାରର ଅନ୍ୟତମ କାରଣ ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ନବୀନ ସ୍ୱାଭିମାନ ଅଞ୍ଚଳରେ ବିଏସଏଫ ଯବାନଙ୍କ ଉପରେ ଆକ୍ରମଣ, ଇନଫର୍ମର ସନ୍ଦେହରେ ହତ୍ୟା, ପ୍ରଜାମେଳି ଲ୍ୟାଣ୍ଡମାଇନ ବିସ୍ଫୋରଣ ଭଳି ବହୁ ହିଂସାରେ ସମ୍ପୃକ୍ତ ଥିଲେ। ତାଙ୍କ ନାମରେ ୧୦ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଛି।



## ମନେ ପଡ଼ନ୍ତି

### ନବମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳୀ



ସ୍ୱର୍ଗତ ଚିତ୍ତରଞ୍ଜନ ଶର୍ମା
ଆବିର୍ଭାବ: ୩୦।୦୬।୧୯୭୫
ତିରୋଧାନ: ୦୮।୦୭।୨୦୧୦
SOM COMMUNICATION
Jail Chhak, Jharpada, bbsr-6
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ଆତ୍ମୀୟସ୍ୱଜନ
ଧ-୧୩୨୫୬

### ଦଶମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା କୌଶଲ୍ୟା ସାହୁ
ସ୍ୱାମୀ: ଦୁର୍ଯ୍ୟୋଧନ ସାହୁ
Plot No: B-19 Saheednagar
(କୌଶଲ୍ୟା ଭବନ)
ଆବିର୍ଭାବ: ୦୯।୧୨।୧୯୪୪
ତିରୋଧାନ: ୨୮।୦୬।୨୦୦୯
(ହେରା ପଞ୍ଚମୀ)
ଆଜକୁ ୧୦ବର୍ଷ ହେଲା ତୁମେ ଆମ୍ଭଙ୍କୁ ଛାଡ଼ି ଚାଲିଯାଇଛ। ତୁମ୍ଭେ କିପରି ଅଛ, ଜଗନ୍ନାଥଙ୍କୁ ପ୍ରାର୍ଥନା ତୁମ୍ଭର ଆତ୍ମାର ସଦ୍‌ଗତି କରନ୍ତୁ।
ଶ୍ରଦ୍ଧାଞ୍ଜଳି ସହ:
ସ୍ୱାମୀ, ପୁଅ, ବୋହୂ, ଝିଅ, ନାତି, ନାତୁଣୀ।
ଧ-୧୩୨୫୬

## ସଂକ୍ଷେପରେ

### ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ରସୁଲପୁର,୭।୭(ଡିଏନଏ):** ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଦାସ ଫାଉଣ୍ଡେସନ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଫାଉଣ୍ଡେଶନ ପ୍ରତିଷ୍ଠାତା ପ୍ରମୋଦ କୁମାର ପ୍ରଧାନଙ୍କ ଅଧକ୍ଷତାରେ ପୁରସ୍କାର ବିତରଣ ଉତ୍ସବରେ ଆଇନ ବିଭାଗ ପକ୍ଷରୁ ରାମଚନ୍ଦ୍ର ବାରିକ, ଗୋକର୍ଣ୍ଣିକା ସଭାପତି ରମାକାନ୍ତ ଜେନା, ଜିଲା ଲେଖକ ସମ୍ମେଳନର ସଭାପତି ରୁଦ୍ରନାରାୟଣ ପୃଷ୍ଟି, ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ଦାସ, ମୃତ୍ୟୁଞ୍ଜୟ ମିଶ୍ର ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ପ୍ରକାଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷିକାଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବଟକୃଷ୍ଣ ପାଣି ମେମୋରିଆଲ ତରଫରୁ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

### ଭାଜପାର ସଦସ୍ୟତା ଅଭିଯାନ

**ସିଂହପୁର,୭।୭(ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ୨୮ ନଂ. ଜୋନର ନାଉବାଙ୍କ ଜାବିନେଶ୍ୱରୀ ପୀଠରେ ରବିବାର ଭାଜପାର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ନିରଞ୍ଜନ ବେଉରିଆଙ୍କ ଆହ୍ୱାନରେ ପଞ୍ଚାୟତ ପ୍ରମୁଖ ଏକାଦଶୀ ମହାଲିକ, ଗଗନ ବିହାରୀ ନାୟକ, ଶୈଳେନ୍ଦ୍ର ନାୟକ, ବିଜୟ ସାମଲ, ଘନଶ୍ୟାମ ନାୟକ, ମଦନ ମୋହନ ଜେନା, ଜୟନ୍ତ ଜେନା, ସତ୍ୟରଞ୍ଜନ ବେହେରା, ସତ୍ୟରଞ୍ଜନ ସାମଲ, ସଞ୍ଜୀବ ସାମଲ, ପ୍ରମୋଦ ଜେନାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ବିଞ୍ଝାରପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ସରକାରୀ ଯୋଜନାର ଅନିୟମିତତାକୁ ବିରୋଧ କରାଯିବ ବୋଲି ଉପସ୍ଥିତ କର୍ମୀ କହିଥିଲେ।

କେନ୍ଦ୍ରାପଡ଼ାକୁ ଚାଲିଲା ଟ୍ରେନ୍

### ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କୁ କୃତଜ୍ଞତା

**ବରୀ,୭।୭(ସ୍ୱ.ପ୍ର.)-** ଦୈତାରୀରୁ ପାରାଦୀପ ରେଲଲାଇନ୍ ହେବା ସହ କେନ୍ଦ୍ରାପଡ଼ା ଦେଇ ପାରାଦୀପକୁ ଟ୍ରେନ୍ ଗଡ଼ିବାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କର ମୁଖ୍ୟ ଭୂମିକା ରହିଛି। ୧୯୯୬ରେ ଶ୍ରୀକାନ୍ତ କେନ୍ଦ୍ରାପଡ଼ାରୁ ଏମ୍‌ପି ଭାବେ ନିର୍ବାଚିତ ହୋଇ କେନ୍ଦ୍ରରେ ସଂସଦୀୟ ବ୍ୟାପାର ଓ ପର୍ଯ୍ୟଟନ ମନ୍ତ୍ରୀ ଭାବେ ଦାୟିତ୍ୱରେ ରହିଥିଲେ। ଦୈତାରୀରୁ ପାରାଦୀପ ଭାୟା କେନ୍ଦ୍ରାପଡ଼ା ଦେଇ ଟ୍ରେନ୍ ଚଳାଚଳ ପାଇଁ ପ୍ରସ୍ତାବ ଦେଇଥିଲେ। ରାଜ୍ୟ ସରକାରଙ୍କ ଖାମଖିଆଲି ମନୋଭାବ ଯୋଗୁ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଲା। ଏବେ ଉକ୍ତ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବାରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜେନାଙ୍କୁ ସ୍ୱେଚ୍ଛାସେବୀ ସଂଗଠନ ଜୀବନଧାରା ସଭାପତି ସନତ କୁମାର ଜେନା, ମନିନ୍ଦର ସାମଲ, ଦେବେନ୍ଦ୍ର ସାମଲ, ଚିନ୍ମୟ ପ୍ରସାଦ ବେହୁରା, ନୀଳମଣି ସାମଲ, ବିଷ୍ଣୁଚରଣ ମହାନ୍ତି ପ୍ରମୁଖ ରବିବାର କୃତଜ୍ଞତା ଜଣାଇଛନ୍ତି।

### ବିଧାୟକଙ୍କ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା

**କୁଜଙ୍ଗ,୭।୭(ସ୍ୱ.ପ୍ର.):** ପୂର୍ବତନ ବ୍ଲକ ବିଜେଡି ସଭାପତି ଚିତ୍ତ ମିଶ୍ରଙ୍କୁ ପରାଦୀପ ବିଧାୟକ ସମ୍ବିତ ରାଉତରାୟ କୁଜଙ୍ଗ ବ୍ଲକ୍ ପ୍ରତିନିଧି ଭାବେ ମନୋନୀତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ତାଙ୍କୁ ମହ୍ଲାସାହି ଗ୍ରାମ ପଞ୍ଚାୟତ ପକ୍ଷରୁ ସାମାଜିକ କର୍ମୀ ବିଷ୍ଣୁ ପ୍ରସାଦ କରଙ୍କ ନେତୃତ୍ୱରେ ସମ୍ବର୍ଦ୍ଧିତ କରାଯାଇଛି। ଏ ନେଇ ଏକ ସଭା ତାଳଦଣ୍ଡାଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତର କର୍ମୀ ଅଭୟ ସାମଲ, ସମିତିସଭ୍ୟା ପ୍ରଭାତୀ ଦାଶ, ହରେକୃଷ୍ଣ ସେଠୀ, ବଳରାମ ବାରିକ, ଉପେନ୍ଦ୍ର ଚୌଧୁରୀ, ବିବେକାନନ୍ଦ ସାହୁ, ମନୋଜ ପାଣି, ଭିକାରୀ ବେହେରା, ରବୀନ୍ଦ୍ରନାଥ ପାଣି ପ୍ରମୁଖ ଉପସ୍ଥିତ ରହି ଚିତ୍ତଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

# ବନ୍ଦ ହେଲାନି ଫର୍ମାଲିନ ବ୍ୟବହାର

**ପାରାଦୀପ,୭।୭(ସ୍ୱ.ପ୍ର.)**

**ପାରାଦୀପ ମାଛଧରା ବନ୍ଦର**



■ସି ଗ୍ରେଡ୍ ମାଛରେ ମିଶାଇ କରାଯାଉଛି ଶୁଖୁଆ

■ମଣିଷ ଶରୀର ପାଇଁ ନୀରବ ଘାତକ

ସମୁଦ୍ରରୁ ଉତ୍ପାଦିତ ମାଛକୁ ଏ, ବି, ସି, ଡି ଭଳି ଗ୍ରେଡ୍ କରାଯାଇ ବିକ୍ରୟ କରାଯାଏ। ଏ ଓ ବି ଗ୍ରେଡ୍ ମାଛ ବିଦେଶକୁ ରପ୍ତାନୀ ହେଉଥିବାବେଳେ ସି ଓ ଡି ଗ୍ରେଡ ମାଛକୁ ସ୍ଥାନୀୟ ବଜାରରେ ବିକ୍ରି କରାଯାଏ। ଏହି ପ୍ରକାରର ଅଧିକାଂଶ ମାଛକୁ ଶୁଖୁଆ କରାଯାଏ। ପୁରୁଣା ପଦ୍ଧତି ଅନୁସାରେ ହେଉଥିବା ଶୁଖୁଆ ମଣିଷ ଶରୀର ପାଇଁ ସେତେ କ୍ଷତିକାରକ ନ ଥିଲା। କିନ୍ତୁ ଏବେ ଗତ ୧୦ ବର୍ଷ ହେଲା ଶୁଖୁଆରେ ମିଶିଯାଉଛି ଫର୍ମାଲିନ୍ ନାମକ କେମିକାଲ, ଯାହା ମଣିଷ ଶରୀର ପାଇଁ ଅତ୍ୟନ୍ତ ହାନିକାରକ ହୋଇଥିଲେ ହେଁ ସେଥିପ୍ରତି କାହାର ଭ୍ରୂକ୍ଷେପ ନାହିଁ। ଏନେଇ ବହୁବାର କଟକଣା ଜାରି କରାଯାଇଥିଲେ ମଧ୍ୟ ଏହାର ବ୍ୟବହାର ବନ୍ଦ ହେଉନାହିଁ। ରାଜ୍ୟର ଅନ୍ୟତମ ବୃହତ୍ ପାରାଦୀପ ମାଛଧରା ବନ୍ଦରରେ ଏବେ ଏହି ରାସାୟନିକ ପଦାର୍ଥ ବହୁଳ ପରିମାଣରେ ମିଶ୍ରଣ କରାଯାଉଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ବର୍ଷାଋତୁ ଆରମ୍ଭ ହେବା ପରେ ଫର୍ମାଲିନ୍‌ର ବ୍ୟବହାର ଅଧିକ ମାତ୍ରାରେ ଚାଲିଛି। କାରଣ ବର୍ଷାରେ ମାଛକୁ ଶୁଖାଇବା ସହଜ ନୁହେଁ। ତେଣୁ ଶୁଖୁଆ ତିଆରି ହେଉଥିବା ଲୁଣି ପାଣି ଟାଙ୍କିରେ ଫର୍ମାଲିନ୍ କେମିକାଲ ପକାଇ ଦେଲେ ଶୀଘ୍ର ଶୁଖୁଆ ପ୍ରସ୍ତୁତ ହୋଇଯାଉଛି। ମାଛଧରା ବନ୍ଦର ବ୍ୟତୀତ ଅଠରବାଙ୍କୀ ଶୁଖୁଆ ଖଳାରେ ମଧ୍ୟ ସେହି କେମିକାଲ ବ୍ୟବହାର ହେଉଛି। ଏହି ଫର୍ମାଲିନକୁ ମତ୍ସ୍ୟ ବିଭାଗ ନିଷିଦ୍ଧ ଘୋଷଣା କରିଥିଲା। ଏପରି କି ବେଳେ ବେଳେ ପ୍ରଚାର ମାଧ୍ୟମରେ ମତ୍ସ୍ୟଜୀବୀଙ୍କୁ ସଚେତନ କରାଯାଏ। ଏଥିସହ କାରଖାନାରେ ସମ୍ପୃକ୍ତ ବ୍ୟବସାୟୀ, ସଂଘ, ସମିତି, ଆମଦାନୀ-ରପ୍ତାନୀକାରୀ ସଂସ୍ଥା ଆଦିଙ୍କୁ ପ୍ରତିବର୍ଷ ଚିଠି ଯୋଗେ ଅବଗତ କରାଯାଉଛି ବୋଲି ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ) ମଧୁମୟ ସାମଲ କହିଛନ୍ତି। ଏହାସତ୍ତ୍ୱେ ଫର୍ମାଲିନ ମିଶ୍ରଣ ଚାଲିଛି। ସୂଚନାଯୋଗ୍ୟ, ଫର୍ମାଲିନ୍ କେମିକାଲ ପ୍ରାୟତଃ ପ୍ଲାଷ୍ଟିକ ଓ ଚମଡ଼ା ଶିଳ୍ପରେ ବ୍ୟବହୃତ ହୁଏ। ଏଥିସହ ମୃତଦେହ ଅଧିକ ଦିନ ସଂରକ୍ଷଣ ପାଇଁ ପୋଲିସ ଓ ତଦନ୍ତକାରୀ ସଂସ୍ଥା ବ୍ୟବହାର କରିଥାନ୍ତି। ଏହି କେମିକାଲ ମାଛରେ ମିଶିବା ଦ୍ୱାରା ତାହା ଶୀଘ୍ର ଶୁଖିଥାଏ ଏବଂ ପଚେ ନାହିଁ। ବର୍ଷାଦିନେ ମାଛ ପଚି ଶଢ଼ି ଯିବାର ସମ୍ଭାବନା ଅଧିକ। ସେତେବେଳେ କେମିକାଲ ମିଶାଇ ଦେଲେ ଆଉ ନଷ୍ଟ ହୁଏ ନାହିଁ। କେମିକାଲ ମିଶା ଶୁଖିଆ ମଣିଷ ଖାଇଲେ ତାହା ଶରୀରରେ କର୍କଟ ଭଳି ମାରାତ୍ମକ ରୋଗ ସୃଷ୍ଟି କରିବାର ଆଶଙ୍କା ଅଛି ବୋଲି କୁହନ୍ତି ଡା. ପ୍ରଫୁଲ କୁମାର ଦୀକ୍ଷିତ। ଏସବୁ କେମିକାଲକୁ ବ୍ୟବସାୟୀମାନେ ପ୍ରାୟତଃ କଲିକତାରୁ ବସ୍ ଯୋଗେ ଆଣି ବିକ୍ରୟ କରିଥାନ୍ତି। ଯଦିଓ କେତେଥର ପୋଲିସ ଏହି କେମିକାଲ ଜବତ କରିଛି, ତେବେ ପରେ ମୂଲଚାଲ ନୀତିରେ ଛାଡ଼ିଦେଇଥିବା ଅଭିଯୋଗ ହେଉଛି। ତେଣୁ ଏବେ ଅବକାରୀ ବିଭାଗ ଭଳି ପୋଲିସର ମାସିକିଆ ଚାନ୍ଦା ତାଲିକାରେ ବ୍ୟବସାୟୀମାନେ ରହିଲେଣି ବୋଲି ଚର୍ଚ୍ଚା ହୁଏ। ଏପରି କି ଏକଦା ପାରାଦୀପରୁ କେରଳ ଯାଇଥିବା ୩ ଟ୍ରକ୍ ଶୁଖୁଆକୁ ସେଠାକାର ଡ୍ରଗ୍ସ ବିଭାଗ ଜବତ କରିବା ସହ ମାମଲା ରୁଜୁ କରିଥିଲା। ଶୁଖୁଆ ଖଳାର ଜଣେ ବ୍ୟବସାୟୀ ଏହି କାରଣ ପାଇଁ ଦେବାଳିଆ ହୋଇଛନ୍ତି। ଏମିତି ଅନେକ ଘଟଣା ଘଟିଥିଲେ ମଧ୍ୟ ବ୍ୟବସ୍ଥାରେ ପରିବର୍ତ୍ତନ ହେଉନାହିଁ। ଏ ସମ୍ପର୍କରେ ଫୁଡ୍ ଇନ୍ସପେକ୍ଟର ଅନିତା ରାଉତ କହିଛନ୍ତି ଯେ, ଗତବର୍ଷ ଡିସେମ୍ବରରେ ଆମେ ଶୁଖୁଆ ନମୁନା ସଂଗ୍ରହ କରିଥିଲୁ। ସେତେବେଳେ ଅଳ୍ପ ପରିମାଣର କେମିକାଲ ମିଶିଥିବା ଜଣାପଡିଥିଲା। ଏବେ ଯଦି ସେହି କେମିକାଲ ବହୁଳ ଭାବେ ବ୍ୟବହାର ହେଉଥାଏ, ତେବେ ତାହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## କେନାଲ ବନ୍ଧ ରାସ୍ତା ଶୋଚନୀୟ



ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା କେନାଲବନ୍ଧ ରାସ୍ତା।

**ବିରିଡି, ୭।୭(ଡି.ଏନ.ଏ.)**

ଜଗତ୍‌ସିଂହପୁର ଜଳସେଚନ ଡିଭିଜନ ଅନ୍ତର୍ଗତ ବିଲୁଆଖାଇ କେନାଲ ସବଡିଭିଜନର ବାଲିଆ ସେକ୍ସନରେ ଥିବା ୫ନଂ କେନାଲ ବନ୍ଧ ରାସ୍ତା ଶୋଚନୀୟ ହୋଇପଡ଼ିଛି। ସମଗ୍ର ୨୨ମୌଜା ଡେଲଟା ଅଞ୍ଚଳକୁ ସଂଯୋଗ କରୁଥିବା ଏହି ବାଲିଆଷ୍ଟୋର ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ଯାତାୟାତ ଅନୁପଯୋଗୀ ହୋଇପଡିଛି। ବର୍ଷା ହେଲେ ରାସ୍ତାରେ ଥିବା ଖାଲଖମାରେ ପାଣି ଜମି ରହୁଛି। ଏଥିଯୋଗୁ ଗାଡ଼ି ଚାଳକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ରାସ୍ତାରେ ହାଇୱା ଟ୍ରକ ଚଳାଚଳ କରୁଥିବାରୁ ରାସ୍ତା ଅଧିକ ବିପର୍ଯ୍ୟସ୍ତ ହେଉଛି। ଏହାର ସୁଦୃଢ଼ୀକରଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇଥିଲେ ମଧ୍ୟ ବର୍ଷାଦିନ ଯୋଗୁ କାମ ହୋଇପାରୁନି। ଅନ୍ୟପକ୍ଷରେ ଅସ୍ଥାୟୀ ମରାମତି ପାଇଁ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ହାଜିପୁର- ଅଷ୍ଟଶମ୍ଭୁ ରାସ୍ତା ଅବସ୍ଥା ମଧ୍ୟ ସମଦଶା। ଏହି ରାସ୍ତାରେ ଭାରିଯାନ ଚଳାଚଳ କରୁଥିବାରୁ ନବୀକରଣ ପାଇଁ ଏହାକୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ସୁଶିଲ କୁମାର ରାଉତରାୟ କହିଛନ୍ତି ଯେ, ହାଜିପୁର ରାସ୍ତାରେ ଡଷ୍ଟ ପକାଯିବ। ଜଗତ୍‌ସିଂହପୁର ଜଳସେଚନ ନିର୍ବାହୀ ଯନ୍ତ୍ରୀ ଉମାକାନ୍ତ ମହାନ୍ତି କହିଛନ୍ତି ଯେ, ରାସ୍ତା ଦୁଇଟିରେ ମେଟାଲ କ୍ୱାରିଡଷ୍ଟ ପକାଯାଇ ମରାମତି ଖୁବଶୀଘ୍ର କରାଯିବ।



ଡିଙ୍କିଆ ସରପଞ୍ଚଙ୍କ ସମେତ ୱାର୍ଡ ସଭ୍ୟାସଭ୍ୟ, ସଂଗଠକ ଓ ନେତା କୁଜଙ୍ଗର ପ୍ରସିଦ୍ଧ ଲୋକନାଥ ମନ୍ଦିରରେ ପୂଜାର୍ଚ୍ଚନା କରୁଛନ୍ତି।

## ପଞ୍ଚାୟତର ସମୃଦ୍ଧି ପାଇଁ ସାମୂହିକ ପ୍ରାର୍ଥନା

**କୁଜଙ୍ଗ, ୭।୭(ସ୍ୱ.ପ୍ର.)**

ସ୍ଥାନୀୟ ଡିଙ୍କିଆ ପଞ୍ଚାୟତର ନବନିର୍ବାଚିତ ସରପଞ୍ଚ କିଶୋର ପରିଡ଼ାଙ୍କ ସମେତ ଦଳର ୱାର୍ଡ ସଭ୍ୟାସଭ୍ୟ, ବରିଷ୍ଠ ସଂଗଠକ ଓ ନେତା ରବିବାର କୁଜଙ୍ଗ ବ୍ଲକ୍‌ର ପ୍ରସିଦ୍ଧ ଲୋକନାଥମନ୍ଦିରେ ପୂଜାର୍ଚ୍ଚନା କରିଛନ୍ତି। ଏଥିସହିତ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାଶଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, କିଛିଦିନ ତଳେ ହୋଇଥିବା ସରପଞ୍ଚ ନିର୍ବାଚନରେ କିଶୋର ବୃହତ୍ତ ବ୍ୟବଧାନରେ ଜିତିବା ସହ ବିଜେଡି ସମର୍ଥିତ ୧୬ ୱାର୍ଡସଭ୍ୟ ପ୍ରାର୍ଥୀ ଜିତିଥିବାରୁ ନାଏବ ସରପଞ୍ଚ ପଦବୀ କିଶୋରଙ୍କ ଅନୁଗତଙ୍କୁ ଯିବ ବୋଲି ସ୍ପଷ୍ଟ ହୋଇଯାଇଛି। ଏହି ଅବସରରେ ମନ୍ତ୍ରୀଙ୍କ ସହ ଦଳର ନେତା ଏରସମା ବ୍ଲକ୍ ଅଧକ୍ଷ ପ୍ରଣବ ସ୍ୱାଇଁ, ବ୍ଲକ୍ ବିଜେଡି ସଭାପତି ପୀତବାସ ଗୋଛାୟତ ଓ ୪ନଂ ଜୋନ୍ ଜିଲାପରିଷଦ ସଭ୍ୟା ଇତିଶ୍ରୀ ଭୂୟାଁ ପ୍ରମୁଖଙ୍କୁ ମଧ୍ୟ ସେମାନଙ୍କ ସହଯୋଗ ଓ ସମର୍ଥନ ପାଇଁ କୃତଜ୍ଞତା ଜଣାଇଥିଲେ। ଦଳର ନେତା ଅକ୍ଷୟ ବେହେରା, ପାଗଳ ବେହେରା, ବାବୁଲି ରାଉତ, ସୁରେଶ ଦାସ, ରାଜୀବ ସେଠୀ ପ୍ରମୁଖ ପାରାଦୀପ ଗଡ ଲୋକନାଥ ମନ୍ଦିରରେ ଉପସ୍ଥିତ ରହି ପଞ୍ଚାୟତର ଭାଇଚାରା, ସମ୍ପ୍ରୀତି ଓ ସମୃଦ୍ଧି ପାଇଁ ପ୍ରାର୍ଥନା କରିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

### କନିଷ୍ଠ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ

**ଦଶରଥପୁର,୭।୭(ଡିଏନ୍ଏ)**

ଦଶରଥପୁର ବ୍ଲକ କନିଷ୍ଠ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଛଚିଣା-ବାଳଦା ନୋଡ଼ାଲ ସ୍କୁଲ ପ୍ରାଙ୍ଗଣରେ ଶିକ୍ଷକ ସଂଘର ସମ୍ପାଦକ ବିକାଶ କୁମାର ମଲ୍ଲିକଙ୍କ ଆବାହକତ୍ୱରେ ଏକ ନୂତନ କର୍ମକର୍ତ୍ତା ଚୟନ ନିମନ୍ତେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଶିକ୍ଷକ ଅଶୋକ କୁମାର ସାହୁ ସଭାପତିତ୍ୱ କରିଥିଲେ। ବୈଠକରେ ଚଳିତ ବର୍ଷ ପାଇଁ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ସର୍ବସମ୍ମତିକ୍ରମେ ଚୟନ ହୋଇଥିବାବେଳେ ସଭାପତିଭାବେ ନରେନ୍ଦ୍ର ଜ୍ୟୋତିଶଙ୍କର ମହାପାତ୍ର, ସାଧାରଣ ସମ୍ପାଦକ ବିଭୂତି ଭୂଷଣ ରଣା, କୋଷାଧକ୍ଷ ସ୍ୱରାଜ ତ୍ରିପାଠୀ, ଉପସଭାପତି ପ୍ରିୟରଞ୍ଜନ ଦାସ, ସହସମ୍ପାଦକଭାବେ ଦେବଦତ୍ତ ମିଶ୍ରଙ୍କ ନାମ ଚୟନ କରାଯାଇଥିଲା। ତେବେ ଶିକ୍ଷକ ସଂଘର ଉପଦେଷ୍ଟାଭାବେ ଶିକ୍ଷକ ପ୍ରବୀର କୁମାର ନାୟକ, ସୁଧାଂଶୁ ଶେଖର ସେଠୀ, ସୁବ୍ରତ ଦାସଙ୍କୁ ଚୟନ କରାଯାଇଥିବାବେଳେ ବୈଠକ ଶେଷ ହେବାପରେ ସଭାପତିତ୍ୱ କରୁଥିବା ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

ପରିବହନ ଠିକାଦାରଙ୍କ ମନମୁଖି କାର୍ଯ୍ୟ

## ପ୍ରତିବାଦ କଲା ଟ୍ରକ୍ ମାଲିକ ସଂଘ



ବୈଠକରେ ଉପସ୍ଥିତ ଟ୍ରକ ମାଲିକ ସଂଘ କର୍ମକର୍ତ୍ତା।

**ଚଣ୍ଡିଖୋଲ,୭।୭(ଡି.ଏନ୍.ଏ.)**

ଯାଜପୁର ଜିଲାର ସୁକିନ୍ଦା କ୍ରୋମାଇଟ ଖଣି ମାଲିକ ଓ ପରିବହନ ଠିକାଦାରଙ୍କ ମନମୁଖି କାର୍ଯ୍ୟ ପାଇଁ ଟ୍ରକ୍ ମାଲିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଚଣ୍ଡିଖୋଲସ୍ଥିତ ଚଣ୍ଡି ମନ୍ଦିର ପରିସରରେ ରବିବାର ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ ଓ ଯାଜପୁରରୋଡ ଟ୍ରକ୍ ମାଲିକ ସଂଘ ମିଳିତ ଆନୁକୂଲ୍ୟରେ ରବିବାର ଏକ ବୈଠକ ବସି ଏହାର ପ୍ରତିବାଦ କରାଯାଇଛି। ଏହି ବୈଠକରେ ଯାଜପୁରରୋଡ଼ ଟ୍ରକ ମାଲିକ ସଂଘ ସମ୍ପାଦକ ବ୍ରଜକିଶୋର ରାଉତ ସଭାପତିତ୍ୱ କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନକୁ କ୍ରୋମ ପରିବହନ କରୁଥିବା ଟ୍ରକ୍ ପାଇଁ ସଂଘ ଦ୍ୱାରା ସ୍ଥିରିକୃତ ହୋଇଥିବା ଭଡ଼ାଠାରୁ କମ ଭଡ଼ା ପ୍ରଦାନ, ଚାଳକଙ୍କ ଦ୍ୱାରା ଚୋରି ହେଉଥିବା କ୍ରୋମାଇଟର ମୂଲ୍ୟ ଟ୍ରକ ମାଲିକଙ୍କଠାରୁ ଆଦାୟ କରିବା ଆଦିକୁ ତୀବ୍ର ବିରୋଧ କରାଯାଇଥିଲା। ଗତ ମାର୍ଚ୍ଚ ୬ରେ ଧବଳଗିରିଠାରେ ଚଣ୍ଡିଖୋଲ, ସୁକିନ୍ଦା, ଯାଜପୁରରୋଡ଼ ଟ୍ରକ ମାଲିକ ସଂଘର ମିଳିତ ବୈଠକର ନିଷ୍ପତ୍ତିକୁ ଖଣି ମାଲିକ ଓ ଠିକାଦାର କାର୍ଯ୍ୟକାରୀ କରୁ ନ ଥିବାବେଳେ ରାଜ୍ୟ ବାହାରକୁ ଯାଉଥିବା ୧୦ ଚକିଆ ଓ ତା'ଠାରୁ ବଡ଼ବଡ଼ ଟ୍ରକରେ କ୍ରୋମ ପରିବହନ କ୍ଷେତ୍ରରେ ଦୁଇ ଟ୍ରକ ମାଲିକ ସଂଘର କୋଟା ବୃଦ୍ଧି କରିବା ଏବଂ କ୍ରୋମ ପରିବହନରେ ସ୍ୱଚ୍ଛତା ଆଣିବା ଆଦି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ସଂଘ ସଭାପତି ସନ୍ତୋଷ କୁମାର ରାଉତ, ଉପସଭାପତି ଅଟଳ ଜେନା, ସମ୍ପାଦକ ପୁଷ୍ପରାଜ ନାୟକ, ଯାଜପୁରରୋଡ଼ ଟ୍ରକ ମାଲିକ ସଂଘ ସଭାପତି କିଶୋର କୁମାର ରାଉତ, ପୂର୍ବତନ ସଭାପତି ହୃଦାନନ୍ଦ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

### ଭିଏନ୍ ସ୍ୱୟଂଶାସିତ କଲେଜର ୫୩ତମ ପ୍ରତିଷ୍ଠା ଦିବସ

**ଯାଜପୁରରୋଡ଼,୭।୭(ନି.ପ୍ର.)**

ବ୍ୟାସନଗର (ଭିଏନ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ୫୩ତମ ପ୍ରତିଷ୍ଠା ଦିବସ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସେକ୍ ଆବୁତାହେର ଅଧ୍ୟକ୍ଷତା କରିଥିଲେ। କୋରେଇ ବିଧାୟକ ଅଶୋକ ବଳ ମୁଖ୍ୟ ଅତିଥି, ରେଭେନ୍ସା ବିଶ୍ୱବିଦ୍ୟାଳୟର ବାଣିଜ୍ୟ ଓ ପରିଚାଳନା ବିଭାଗ ମୁଖ୍ୟ ପ୍ରଫେସର ସଞ୍ଜୟ କୁମାର ଶତପଥୀ ମୁଖ୍ୟବକ୍ତା ଓ ପୂର୍ବତନ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ସତ୍ୟକାମ ମିଶ୍ର, ପୂର୍ବତନ ଅତିରିକ୍ତ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ଅମିୟ କୁମାର ମହାନ୍ତି ଓ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ, ଭୁବନେଶ୍ୱର ପ୍ରଫେସର ମିହିର ରଞ୍ଜନ ସେଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସୁଧାଂଶୁ ଶେଖର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଅଧ୍ୟକ୍ଷ ଅତିଥିଙ୍କୁ ସ୍ୱାଗତ କରିଥିଲେ। ପରେ ମହାବିଦ୍ୟାଳୟର ଅତୀତ ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ବଳ ବ୍ୟାସନଗର ମହାବିଦ୍ୟାଳୟକୁ ଏକ ଅଗ୍ରଣୀ ଓ ଆଦର୍ଶ ଶିକ୍ଷାନୁଷ୍ଠାନଭାବେ ଗଢିତୋଳିବାକୁ ଆହ୍ୱାନ ଦେଇଥିଲେ। ଶିକ୍ଷକ ସଂଘ ସମ୍ପାଦକ କୁଶଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକ ବଳ ଅଧ୍ୟାପକ ଓ କର୍ମଚାରୀଙ୍କ ସହ ଆଲୋଚନା କରି ସମାଧାନ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସ୍ୱତନ୍ତ୍ର ଅତିଥିଭାବେ ପ୍ରଫେସର ପଦ୍ମନାଭ ମଲ୍ଲଙ୍କୁ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ନିହାର ରଞ୍ଜନ ଜେନା, ମନୋରଞ୍ଜନ ନାୟକ, ସୁରଞ୍ଜନ ପଣ୍ଡା, ଶ୍ରୀକାନ୍ତ ସାମଲ, ସ୍ୱର୍ଣ୍ଣଲତା ତ୍ରିପାଠୀ, ଦୁଷ୍ମନ୍ତ ନାୟକ, ପ୍ରହଲ୍ଲାଦ ନାୟକ, ରବିନାରାୟଣ ପଣ୍ଡା, ଶ୍ରୀଧର ସାହୁ, ସଦାନନ୍ଦ ଜେନାମଣି, ବାବାଜି ଚରଣ ସାହୁ, ପ୍ରଫୁଲ୍ଲ ନାୟକ, ବିବେକାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।



ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥି।

■ ପାରାଦୀପରେ ଅଲ୍ ଓଡ଼ିଶା ଶ୍ରମିକ ସମାବେଶ

## ସମସ୍ୟା ସମାଧାନ ପାଇଁ ତେଜିଲା ସ୍ୱର



ସମାବେଶରେ ଉପସ୍ଥିତ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟ ଅତିଥିମାନେ।

**ପାରାଦୀପ, ୭।୭(ସ୍ୱ.ପ୍ର.)**

ପାରାଦୀପର ଜୟଦେବ ସଦନ ସମ୍ମୁଖ ପଡ଼ିଆରେ ରବିବାର ସନ୍ଧ୍ୟାରେ ଅଲ୍ ଓଡ଼ିଶା ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଛି। ଏଫ୍‌ସିଆଇ (ଫୁଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ), ପାରାଦୀପ ପୋର୍ଟ ଆଣ୍ଡ ଡକ୍ ମଜଦୁର ୟୁନିୟନ, ଇଫ୍‌କୋ କର୍ମଚାରୀ ଆଣ୍ଡ୍ ଶ୍ରମିକ ୟୁନିୟନ, ଏସାର ଷ୍ଟିଲ ଇଣ୍ଡିଆ ୱାର୍କର୍ସ ୟୁନିୟନର ମିଳିତ ଆନୁକୂଲ୍ୟରେ ଏହି ସମାବେଶ ହୋଇଥିଲା। ୟୁନିୟନର ପ୍ରତିଷ୍ଠାତା ତଥା ସର୍ବ ଭାରତୀୟ ଶ୍ରମିକ ନେତା ଘନଶ୍ୟାମ ଜେନା ଏଥିରେ ସଭାପତିତ୍ୱ କରିଥିଲେ। ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଏମ୍‌ପି ରାଜଶ୍ରୀ ମଲ୍ଲିକ, ସ୍ଥାନୀୟ ବିଧାୟକ ସମ୍ବିତ ରାଉତରାୟ, ପ୍ରଭାତ ରଞ୍ଜନ ମଲ୍ଲିକ, ୟୁନିୟନ ସମ୍ପାଦକ ତନ୍ମୟ ଜେନା ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ। ଜେନା ଏହି ଅବସରରେ ଓଡ଼ିଶାର ଏଫ୍‌ସିଆଇ ଶ୍ରମିକଙ୍କ ବହୁବିଧ ସମସ୍ୟା, ପାରାଦୀପ ବନ୍ଦରରେ କାର୍ଯ୍ୟରତ ପୁଲ୍ ୱାର୍କର୍ସଙ୍କ ସମସ୍ୟା, ଇଫ୍‌କୋରେ ଶ୍ରମିକଙ୍କ ପ୍ରୋଭିଡେଣ୍ଟ ଫଣ୍ଡ, ଏସାର ଷ୍ଟିଲ କମ୍ପାନୀ ଓ ସ୍ଥାନୀୟ ପ୍ରଶାସନ କିପରି ଶ୍ରମିକଙ୍କୁ ଆନ୍ଦୋଳନ ପୂର୍ବରୁ ହଇରାଣ କରୁଛି ସେ ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ଓ ସରକାରଙ୍କ ନିୟମ ଉଲ୍ଲଂଘନ କରି ଠିକାଦାରମାନେ ଶ୍ରମିକଙ୍କ ଇପିଏଫ୍, ଇଏସଆଇ ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଠିକାଦାର ବଦଳିଲେ ଶ୍ରମିକଙ୍କ ଇପିଏଫ୍ କୋଡ୍ ନମ୍ବର ବଦଳିଯାଉଛି। ସେତେବେଳେ ଶ୍ରମିକମାନେ ହଇରାଣ ହେଉଛନ୍ତି। ତେଣୁ ସାରା ଓଡ଼ିଶାରେ ପ୍ରଚଳିତ ଶ୍ରମିକଙ୍କ ପାଇଁ ଗୋଟିଏ ନମ୍ବର ପ୍ରଚଳନ କରିବାକୁ ସେ ଦାବି କରିଥିଲେ। ଏ ସମ୍ପର୍କରେ ମନ୍ତ୍ରୀ କହିଲେ ଯେ ଆସନ୍ତା ୨୧ ତାରିଖରେ ଶ୍ରମ ଓ ଯୋଗାଣ ବିଭାଗର ପ୍ରମୁଖ ଅଧିକାରୀମାନଙ୍କୁ ନେଇ ସମୀକ୍ଷା ବୈଠକ କରାଯିବ। ସେଥିରେ ଶ୍ରମିକଙ୍କ ପାଇଁ ଥିବା ଆଇନକୁ କଡ଼ାକଡ଼ି ପାଳନ କରିବାକୁ ପଦକ୍ଷେପ ନିଆଯିବ। ବିଧାୟକ ରାଉତରାୟ ଇଫ୍‌କୋ କମ୍ପାନୀର ମନମାନିକୁ ଏଥିରେ ବିରୋଧ କରିଥିଲେ। ୟୁନିୟନର ସ୍ଥାନୀୟ ସମ୍ପାଦକ ସନାତନ ବେହେରା ଧନ୍ୟବାଦ ଦେଇଥିଲେ। ସଭା ପୂର୍ବରୁ ନିମନ୍ତ୍ରିତ ଅତିଥିଙ୍କୁ ଅଠରବାଙ୍କୀଠାରୁ ସଭାସ୍ଥଳ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ପାଛୋଟି ନିଆଯାଇଥିଲା। ଭଦ୍ରକ, ବାଲେଶ୍ୱର, ପୁରୀ, ଖୋର୍ଦ୍ଧା, ଟିଟିଲାଗଡ଼, କଟକ, ମୟୂରଭଞ୍ଜ ଆଦି ଜିଲାର ବହୁ ଶ୍ରମିକ ଯୋଗ ଦେଇଥିଲେ।

### ଦୂରେଇ ରହିଲା ବିଜେଡି

ପାରାଦୀପର ମୁଖ୍ୟ ସ୍ଥାନ ବଡ଼ପଡ଼ିଆରେ ଏହି ଶ୍ରମିକ ସମାବେଶ ହୋଇଥିବାବେଳେ ଅତିଥି ଭାବେ ମୁଖ୍ୟତଃ ବିଜେଡି ନେତାମାନେ ଯୋଗ ଦେଇଥିଲେ। ସ୍ଥାନୀୟ ବିଧାୟକ ଓ ଜଗତ୍‌ସିଂହପୁର ଏମ୍‌ପି ଉପସ୍ଥିତ ଥିଲେ। ଶୋଭାଯାତ୍ରାରେ ଶ୍ରମିକମାନେ ଅତିଥିମାନଙ୍କୁ ସଭାସ୍ଥଳ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ ମଧ୍ୟ ସ୍ଥାନୀୟ ବିଜେଡି ନେତା ଓ କର୍ମୀମାନେ ଏଥିରେ ସାମିଲ ହୋଇ ନ ଥିଲେ। ଏପରିକି ସଭାସ୍ଥଳରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କୁ ଦେଖିବାକୁ ମିଳି ନ ଥିଲା। ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଅବଶ୍ୟ ପରେ ବିଧାୟକ ସମ୍ବିତ ରାଉତରାୟ ରାତି ୧୦ଟାରେ ବିଜୁ ମେମୋରିଆଲ ଟ୍ରଷ୍ଟକୁ ଯାଇ କେତେଜଣ କର୍ମୀଙ୍କ ସହ ଆଲୋଚନା କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଜୁଲାଇ ୮/୨୦୧୯ Bhubaneswar, Monday, July 8/2019

# ବ୍ୟବସାୟୀଙ୍କ ସମେତ ଲୁଟେରା ଗ୍ୟାଙ୍ଗର ୨ ଗିରଫ



## ୨ ବାଇକ୍, ସୁନା ଚେନ୍ ଓ ମୁଦି ଜବତ

**ଢୁବୁରୀ/କଳିଙ୍ଗନଗର,୭।୭(ଡି.ଏନ୍.ଏ.):** କଳିଙ୍ଗନଗର- ଢୁବରୀ ଅଞ୍ଚଳରେ ବିଭିନ୍ନ ଲୁଟ୍‌ରେ ସମ୍ପୃକ୍ତ ଏକ ଗ୍ୟାଙ୍ଗର ୨ ଜଣଙ୍କ ସହ ଜଣେ ବ୍ୟବସାୟୀଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ପୋଲିସ ୨ ବାଇକ, ୨ ସୁନା ଚେନ୍ ଓ ଗୋଟିଏ ମୁଦି ଜବତ କରିଛି। ଅଭିଯୁକ୍ତମାନେ ହେଲେ କଳିଙ୍ଗନଗର ଥାନା ମାନପୁର ଗ୍ରାମର ନିଲୁ ପାତ୍ର(୨୮), ସୁକିନ୍ଦା ଥାନା ଦଲିକି ଗ୍ରାମର ଇନ୍ଦ୍ରମଣି ମହାନ୍ତ(୨୨), ଯାଜପୁର ଟାଉନରେ ଦୋକାନ କରିଥିବା ଜୁଏଲାରୀ ବ୍ୟବସାୟୀ ଶ୍ରୀଧର ପୃଷ୍ଟି(୪୧)। ଏ ନେଇ କଳିଙ୍ଗନଗର ଥାନାରେ ୩ ପୃଥକ୍ ମାମଲା (ନଂ-୫୧/୧୯,୧୦୨/୧୯ ଓ ୧୦୬/୧୯) ରୁଜୁ କରାଯାଇ ରବିବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଲୁଟେରାମାନେ ଲୁଟୁ କରିଥିବା ସୁନା ଜିନିସକୁ ଶ୍ରୀଧରଙ୍କ ଦୋକାନରେ ବିକ୍ରି କରିଥାନ୍ତି। ଘଟଣାରେ ଫେରାର ଥିବା ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ କହିଛନ୍ତି। ଗତ ମାର୍ଚ୍ଚ ୨୫ ତାରିଖରେ ଜିନ୍ଦଲ କାରଖାନା କର୍ମଚାରୀ ପ୍ରଭାତ ରଞ୍ଜନ ବେହେରା ରାତି ଡ୍ୟୁଟି ସାରି ଗେଷ୍ଟ ହାଉସକୁ ଯାଉଥିଲେ। ରେଲ୍‌ୱେ ଓଭର ବ୍ରିଜ୍ ନିକଟରେ ମିଲୁ ଓ ତାର ସହଯୋଗୀ ପ୍ରଭାତଙ୍କୁ ମାରଣାସ୍ତ୍ର ଦେଖାଇ ମୋବାଇଲ ଫୋନ, ଏକ ହଜାର ଟଙ୍କା ଓ ଏକ ସୁନା ମୁଦିକୁ ଲୁଟି ନେଇଥିଲେ। ମେ ୨୯ ତାରିଖରେ ସୁକିନ୍ଦା-ଢୁବୁରୀ ରାସ୍ତା ସିଆରିଆ ଛକ ନିକଟରେ ମର୍ଣ୍ଣିଂୱାର୍କରେ ଢୁବୁରୀ ଗ୍ରାମର କଲ୍ୟାଣୀ ଦାସ ଓ ଝିଅ ନିଳିମା ସାହୁ ଯାଉଥିଲେ। ହିରୋ ଏକ୍ସଟ୍ରିମ ବାଇକ୍‌ରେ ଇନ୍ଦ୍ରମଣି ତାର ସହଯୋଗୀଙ୍କ ସହ ଆସି ସେମାନଙ୍କ ବେକରୁ ସୁନାଚେନ୍ ଲୁଟି ନେଇଥିଲେ। ଏହିପରି ଜୁନ୍ ୧୧ ତାରିଖରେ ଟମକା ଥାନା ଗୋବର୍ଦ୍ଧନ ପୁର ଗ୍ରାମର ଦମୟନ୍ତୀ ସାହୁ ବାପାଙ୍କ ସହ ବାଇକରେ ଢୁବୁରୀ ଅଭିମୁଖେ ଆସୁଥିବାବେଳେ ଇନ୍ଦ୍ରମଣି ଓ ତାର ସହଯୋଗୀଙ୍କ ସହ ମିଶି ଲଟୁ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ଶନିବାର ଢେଙ୍କାନାଳ ଜିଲା କଙ୍କଡାହାଡ ଅଞ୍ଚଳରୁ ନିଲୁ ଏବଂ ଇନ୍ଦ୍ରମଣିଙ୍କୁ ଗିରଫ କରିଥିଲା। ପରେ ସୁନା ବ୍ୟବସାୟୀ ଶୀଧରଙ୍କୁ ଘରୁ ଗିରଫ କରିଥିଲା।

# ଅଟୋ-ମିନିଟ୍ରକ୍ ଧକ୍କା: ଜଣେ ମୃତ, ୫ ଆହତ

**ଛତ୍ରପୁର,୭।୭(ଡି.ଏନ.ଏ):** ଛତ୍ରପୁର ସହର ଉପକଣ୍ଠ ଏକ ଢାବା ସମ୍ମୁଖ ଜାତୀୟ ରାଜପଥରେ ରବିବାର ସକାଳେ ଅଟୋ ରିକ୍ସାକୁ ମିନିଟ୍ରକ୍ ଧକ୍କା ଦେବାରୁ ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଗଞ୍ଜାମ ବ୍ଲକ ରାଉଳିବନ୍ଧ ଗାଁର ଗଙ୍ଗାଧର ମହାରଣା। ଆହତଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଅଟୋ ଲୋକଙ୍କୁ ନେଇ ରାଉଳିବନ୍ଧକୁ ଫେରୁଥିବା ବେଳେ ପଛପଟୁ ମିନିଟ୍ରକ୍ ଧକ୍କା ଦେବାରୁ ଗାଡି ୨ଟି ଓଲଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପୋଲିସ ଓ ସ୍ଥାନୀୟ ଲୋକେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ମେଡିକାଲକୁ ପଠାଇଥିଲେ। ସେଠାରେ ଗଙ୍ଗାଧରଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ବ୍ରହ୍ମପୁର ବଡ ମେଡିକାଲ ଫାଣ୍ଡି ପକ୍ଷରୁ ଏକ ମାମଲା (୩୬୨/୧୯) ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଦୁର୍ଘଟଣା ପରେ ମିନି ଟ୍ରକ୍ ଚାଳକ ଫେରାର ଅଛନ୍ତି। ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ପୋଲିସ ଜବତ କରି ଛତ୍ରପୁର ଥାନାକୁ ନେଇଛି।

# ବ୍ରାହ୍ମଣୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

**ବରୀ,୭।୭(ସ୍ୱ.ପ୍ର.):** ବରୀ ବ୍ଲକ ଅଧୀନ ବ୍ରାହ୍ମଣୀ ନଦୀର ଚନ୍ଦନପୁର ଘାଟରେ ବୁଡ଼ିଯାଇ ଶନିବାର ବିଳମ୍ବିତ ରାତିରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଚନ୍ଦନପୁର ଗ୍ରାମର ପଦ୍ମାବତୀ ବିଶ୍ୱାଳ (୮୫)। ପ୍ରକାଶ ଯେ, ପଦ୍ମାବତୀ ଶନିବାର ରାତିରେ ବ୍ରାହ୍ମଣୀ ନଦୀକୁ ଶୌଚ ହେବାକୁ ଯାଇ ଘରକୁ ଫେରି ନ ଥିଲେ। ରବିବାର ସକାଳୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ଶେଷରେ ବ୍ରାହ୍ମଣୀ ନଦୀରେ ପଦ୍ମାବତୀଙ୍କ ମୃତଦେହ ଭାସୁଥିବା ଦେଖି ଉଦ୍ଧାର କରିଥିଲେ। ପରିବାର ଲୋକେ ଗ୍ରାମବାସୀଙ୍କ ସହଯୋଗରେ ଶବ ସଂସ୍କାର କରିଥିବା ଜଣାପଡ଼ିଛି।








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ବିଦ୍ୟୁତ୍ ବିଭାଗ ଅବହେଳା ଯୋଗୁ ଗୋରୁ ମୃତ୍ୟୁ ଅଭିଯୋଗ

**କଳିଙ୍ଗନଗର, ୭।୭(ଡି.ଏନ୍.ଏ.):** ଯାଜପୁର ଜିଲା ଦାନଗଦୀ ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତ ନୂଆଗାଁରେ ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଏକ ଗୋରୁର ମୃତ୍ୟୁ ହୋଇଥିବା ନେଇ ରବିବାର ଦାନଗଦୀ ଫାଣ୍ଡିରେ ଅଭିଯୋଗ ହୋଇଛି। ଏ ଦିଗରେ ତଦନ୍ତ କରି ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କ୍ଷତିପୂରଣ ପ୍ରଦାନ କରିବାକୁ ଅଭିଯୋଗରେ ଦର୍ଶାଯାଇଛି। ଅପରପକ୍ଷେ ଘଟଣାପରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ତଳେ ପଡିଥିବା ବିଦ୍ୟୁତ୍ ତାରକୁ ଉଠାଇଥିବା ଜଣାପଡିଛି। ପ୍ରକାଶ ଯେ, ଗତ ମାସ ୧୪ ତାରିଖରେ ନୂଆଗ୍ରାମର ଗଗନ ଦାସଙ୍କ ଏଲ୍‌ଟି ଲାଇନ ଖୁଣ୍ଟ ଭାଙ୍ଗିଯାଇଥିଲା। ଏ ନେଇ ଦାନଗଦୀ ବିଭାଗୀୟ କାର୍ଯ୍ୟାଳୟର କନିଷ୍ଠଯନ୍ତ୍ରୀ ଏବଂ ଲାଇନ୍‌ମ୍ୟାନଙ୍କୁ ସୂଚନା ଦିଆଯାଇଥିଲା କିନ୍ତୁ ବିଭାଗ ପକ୍ଷରୁ ଏହାର ମରାମତି କରା ନ ଯିବାରୁ ୨୦ଦିନ ହେବ ଜୀବନ୍ତ କେବୁଲ ତଳେ ପଡ଼ିରହିଥିଲା। ରବିବାର ସକାଳେ ଗ୍ରାମର ବିନୋଦ ବାରିକଙ୍କ ଗୋରୁ ଉକ୍ତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯିବାରୁ ମୃତ୍ୟୁ ହୋଇଥିଲା। ଗାଁ ମୁଣ୍ଡରେ ଗୋରୁକୁ ଛଟପଟ ହୋଇ ମରିଥିବା ଦେଖି ମଧ ସେ କିଛି କରି ପାରି ନ ଥିଲେ ବୋଲି କହିଛନ୍ତି। ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଏପରି ହୋଇଥିବା ବୋଲି ସେ କହିବା ସହ ଫାଣ୍ଡିରେ ଅଭିଯୋଗ କରିଥିଲେ।

### ହରିଶ୍ଚନ୍ଦ୍ର ଯୋଜନା ମୃତକଙ୍କ ପରିବାରକୁ ମିଳୁନି ସହାୟତା

**ଧର୍ମଶାଳା, ୭।୭(ଡି.ଏନ୍.ଏ.):** ରାଜ୍ୟ ସରାକର ହରିସ ଚନ୍ଦ୍ର ଯୋଜନାରେ ଆର୍ଥିକ ଅନଗ୍ରସର ଶ୍ରେଣୀର ମୃତ ପରିବାରଙ୍କୁ ୨000 ଟଙ୍କା ଯୋଗଇଦେବାର ବ୍ୟବସ୍ଥା କରିଛନ୍ତି। ମାତ୍ର ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଙ୍ଗାଧରପୁର ପଞ୍ଚାୟତ ଇମାମନଗର ଗ୍ରାମରେ ଗତ ଜୁନରେ ୪ଜଣ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ମୃତକମାନେ ହେଲେ ଶ୍ରୀକାନ୍ତ ଜେନା (୭୦), ହାଡିବନ୍ଧୁ ଜେନା(୭୫),ରସିକା ପାଲ(୭୯) ଓ ସ୍ୱର୍ଗତ ପର୍ଶୁରାମ ପାଲଙ୍କ ସ୍ତ୍ରୀ ସୁଲୋଚନା ପାଲ। ଏ ନେଇ ପରିବାର ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟରେ ସମସ୍ତ ତଥ୍ୟ ମଧ ପ୍ରଦାନ କରାଯାଇଛି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ସହାୟତା ରାଶି ମିଳିପାରି ନ ଥିବା ପରିବାର ଲୋକେ କହିଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରୁ ହରିଶ୍ଚନ୍ଦ୍ର ଯୋଜନାରେ ଆର୍ଥିକ ସହୟତା ରାଶି ନ ଥିବାରୁ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇପାରି ନାହିଁ। ଅପରପକ୍ଷେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଯୋଜନାର ଅନୁଦାନ ଅର୍ଥ ଠିକ୍ ଭାବେ ମିଳୁ ନ ଥିବାରୁ ହିତାଧିକାରୀଙ୍କୁ ଅର୍ଥିକ ସହାୟତା ପ୍ରଦାନ କରିବାରେ ଅସୁବିଧା ହେଉଛି ବୋଲି ଲୋକ ପ୍ରତିନିଧି ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି। ତେବେ ଏହି ଯୋଜନାରେ ହିତାଧିକାରୀ କେବେ ସହାୟତା ରାଶି ପାଇବେ ସେ ନେଇ ଅନିଶ୍ଚିତତା ଦେଖାଦେଇଛି।

### ସ୍ମୃତିଚାରଣ ସଭା, ସ୍ମରଣିକା ଉନ୍ମୋଚନ

**ରସୁଲପୁର, ୭।୭(ଡିଏନଏ):** ରସୁଲପୁର ବ୍ଲକ ଅଞ୍ଚଳର ସାମାଜିକ କର୍ମୀ ରାମଚନ୍ଦ୍ର ପାଣିଗ୍ରାହୀଙ୍କ ବିୟୋଗରେ ଶୁକ୍ରବାର ଏକ ସ୍ମୃତିଚାରଣ ସଭା ଓ ସ୍ମରଣିକା ଉନ୍ମୋଚନ ଉତ୍ସବ ରାଜେନ୍ଦ୍ରପୁର ପଞ୍ଚାୟତର ହାଟସାହି-କରଜଙ୍ଗା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ଜନାର୍ଦ୍ଦନ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଶାସକ ରବିନାରାୟଣ ବେହେରା, ଭାଜପା ରାଜ୍ୟ ସମ୍ପାଦକ ସୁରେନ୍ଦ୍ର ପଣ୍ଡା, ବରୀ ଭାଜପା ନେତା ବିଶ୍ୱରଞ୍ଜନ ମଲିକ, ସରପଞ୍ଚ ଚିନ୍ତାମଣି ସୁର, ଯାତ୍ରା କଳାକାର ଦୈତାରୀ ପଣ୍ଡା, ଓଡିଶା ବୁଣାକାର ମହାସଂଘର କାର୍ଯ୍ୟକାରୀ ସଭାପତି ଶ୍ରୀଧର ବେହେରା, ସମବାୟ ନେତା ମୁକୁନ୍ଦଦେବ ମହାନ୍ତି, ପ୍ରାକ୍ତନ ସମିତି ସଭ୍ୟ ବଟକୃଷ୍ଣ ସାହୁ, ସମିତି ସଭ୍ୟ ଅମୂଲ୍ୟ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାମ ନନାଙ୍କ ସ୍ମୃତିଚାରଣ କରିଥିଲେ। ସ୍ମୃତି କମିଟି ପକ୍ଷରୁ ଆୟୋଜିତ ସଭାରେ ଅତିଥିମାନେ ସ୍ୱର୍ଗତ ପାଣିଗ୍ରାହୀଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିବା ସହ ସ୍ମୃତିରେ ସ୍ମୃତିରେ ରାମ ନନା ନାମକ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ।

# ୪୮୨୦ ଚାଷୀଙ୍କୁ ୩୦.୮୪ କୋଟି ଖରିଫ୍ ଋଣ

**ରସୁଲପୁର ବ୍ଲକର ୧୧ ପ୍ୟାକ୍ସ**

**ରସୁଲପୁର, ୭।୭(ଡିଏନଏ)**

ସରକାରୀ ସହାୟତା ନେବା ସମୟରେ ମାଳମାଳ ଚାଷୀ। ହେଲେ କ୍ଷେତକୁ ଚାଷ କରିବାକୁ ଯାଉଥିବା ଚାଷୀଙ୍କ ସଂଖ୍ୟା ଅତି ନଗଣ୍ୟ। ସେଥିରୁ ଅଧିକାଂଶ ଭାଗଚାଷୀ ଓ ଭୂମିହୀନ ବୋଲି ଜଣାପଡିଛି। ଜମି ମାଲିକ କ୍ଷେତକୁ ଯାଉନାହାନ୍ତି, ଚାଷ ଦାୟିତ୍ୱ ଭାଗଚାଷୀ ଉପରକୁ ଛାଡି ଦେଉଛନ୍ତି। ଜମିଜମା ସମ୍ପର୍କିତ କାଗଜପତ୍ର ମାଲିକ ନାଁରେ ରହୁଥିବାରୁ ସେ ସରକାରୀ ସହାୟତା ହାତେଇ ନେଉଛନ୍ତି। ଏହିଭଳି ସ୍ଥିତିରେ କ୍ଷେତରେ ଦିନରାତି ଏକ କରି ଖଟୁଥିବା ଚାଷୀ ସରକାରୀ ସହାୟତା ହାତେଇବାରେ ବିଫଳ ହେଉଛନ୍ତି। ଏହିଭଳି ସ୍ଥିତି ସମଗ୍ର ରାଜ୍ୟରେ ଦେଖାଯାଉଛି। ଏହି ଆଧାରରେ ଯାଜପୁର ଜିଲାର କୃଷି ପ୍ରଧାନ ବ୍ଲକ ଭାବେ ଜଣାଶୁଣା ରସୁଲପୁର ବ୍ଲକରେ କୃଷକଙ୍କ ଚିରାଚରିତ ସ୍ଥିତିକୁ ପରଖିଲେ କୃଷି ଓ କୃଷକର ବାସ୍ତବ ସ୍ଥିତିକୁ ନେଇ ଅନୁମାନ କରାଯାଇ ପାରୁଛି। ଏହି ବ୍ଲକ ଅଧୀନରେ ୧୧ଟି ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ରହିଛି। ଏହି ସମସ୍ତ ସମିତି ଅଧୀନରେ କାଳିଆ ଯୋଜନାରେ ୫୨ହଜାର ଚାଷୀ ପରିବାର ନାମ ପଞ୍ଜିକରଣ କରିଛନ୍ତି। ସେଥିମଧ୍ୟରୁ କାଳିଆ ଯୋଜନାରେ ୨୦ ହଜାର ଚାଷୀ ପରିବାରକୁ ଟଙ୍କା ମିଳିଛି। ଏହି କ୍ଷେତ୍ରରେ ସମବାୟ ସଂସ୍ଥା ଜରିଆରେ ୧୧ଟି ସୋଇସାଇଟୀ ଅଧୀନରେ ହାରାହାରି ୧୫ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ନାମ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ମାତ୍ର ୩୦ ଶତକଡା ଭାଗ ଚାଷୀଙ୍କୁ କୃଷି ଋଣ ମିଳିଥିବା ଜଣାପଡ଼ିଛି। ଚଳିତ ଖରିଫ ଚାଷ ପାଇଁ ମୋଟ ୪୮୨୦ଜଣ ଚାଷୀ ଋଣ ପାଇଁ ଆବେଦନ କରିଥିଲେ। ସେମାନଙ୍କ କାଗଜପତ୍ରକୁ ଯାଞ୍ଚ କରାଯାଇ ୩୦.୮୪କୋଟି ଟଙ୍କା କୃଷି ଋଣ ପ୍ରଦାନ କରାଯାଇଛି। ଏହିକ୍ରମରେ ଦେଖିଲେ ବ୍ରହ୍ମବରଦା ପ୍ୟାକ୍ସରେ ୩୨୩ଜଣ ଚାଷୀଙ୍କୁ ୨.୦୨କୋଟି, ସାମନ୍ତରାପୁର ପ୍ୟାକ୍ସରେ ୩୫୨ଜଣ ଚାଷୀଙ୍କୁ ୨.୦୨କୋଟି, ନରସିଂହପୁରର ୨୯୫ ଚାଷୀଙ୍କୁ ୨.୦୮କୋଟି, ମୁଗୁପାଳରୁ ୫୩୬ ଚାଷୀଙ୍କୁ ୨.୦୯କୋଟି, ରସୁଲପୁରରୁ ୬୧୬ଚାଷୀଙ୍କୁ ୨.୦୯କୋଟି, ପ୍ରଥମାଖଣ୍ଡିରୁ ୭୦୨ଜଣ ଚାଷୀଙ୍କୁ ୨.୭୦କୋଟି, ସିଂହାପୁରରୁ ୬୭୭ଜଣ ଚାଷୀଙ୍କୁ ୩.୧୨କୋଟି, ଓଡ଼ିଶୋରୁ ୮୧୭ ଜଣଙ୍କୁ ୩.୫୨କୋଟି, ବଡକଇଁଚିରୁ ୪୬୬ ଜଣଙ୍କୁ ୨.୨୩କୋଟି, ନଠୁଆବରରୁ ୨୦୩ଜଣଙ୍କୁ ୧.୦୪କୋଟି, ପହଁଗାରୁ ୯୨୭ଜଣ ଚାଷୀଙ୍କୁ ୭.୧୨କୋଟି ଋଣ ପ୍ରଦାନ କରାଯାଇଛି। ଏହାଛଡା ପ୍ୟାକ୍ସରେ ଆହୁରି ଅନେକ ଚାଷୀ ଅଛନ୍ତି ଏବଂ ସେମାନେ ଖରିଫ ଋତୁରେ ଚାଷ କାର୍ଯ୍ୟ କରୁଛନ୍ତି। ସେମାନେ କୃଷି ଋଣରୁ ବଞ୍ଚିତ ହୋଇଛନ୍ତି। ଋଣରୁ ବଞ୍ଚିତ ଚାଷୀଙ୍କ ମଧ୍ୟରୁ ଅଧିକାଂଶ ଭାଗଚାଷୀ ଓ ଭୂମିହୀନ ବୋଲି ଜଣାପଡିଛି। ସେମାନଙ୍କୁ ଋଣ ପ୍ରଦାନ କରିବା ନେଇ ବିଧି ରହିଛି। ଏହି ବର୍ଗର ଏକାଧିକ ଚାଷୀଙ୍କୁ ନେଇ ଜେଏଲ୍‌ଜି (ଜଏଣ୍ଟ ଲାଇଭ୍‌ଲିହୁଡ୍ ଗ୍ରୁପ) ଗଠନ କରାଯାଇ ଋଣ ପ୍ରଦାନ କରାଯିବ। ହେଲେ ଏହି ବ୍ଲକ ଅଧୀନରେ ଥିବା ଜେଏଲଜି ଗ୍ରୁପ ଗଠନ ହେଉନାହିଁ କି ଗରିବ ଚାଷୀଙ୍କୁ ଋଣ ପ୍ରଦାନ କରାଯାଉ ନାହିଁ। ଏହାଛଡା କୃଷିଋଣ ହାତେଇଥିବା ଚାଷୀଙ୍କ ମଧ୍ୟରୁ କେତେଜଣ ଚାଷୀ ନୁହଁନ୍ତି। ସେମାନେ ଜମିର ଜାଲ କାଗଜପତ୍ର ଦାଖଲ କରି କୃଷି ଋଣ କମ୍ ସୁଧରେ ହାତେଇଛନ୍ତି ବୋଲି ଅଭିଯୋଗ ହେଉଛି। ଯାହା ତଦନ୍ତ ସାପେକ୍ଷ ବୋଲି ଦାବି ହୋଇଆସୁଛି। ଏ ସମସ୍ତ ହିସାବକୁ ଦେଖିଲେ କାଳିଆ ଯୋଜନାରେ ଟଙ୍କା ହାତେଇଥିବା ଚାଷୀ ପରିବାର ସଂଖ୍ୟା ଅହେତୁକ ବୃଦ୍ଧି ପାଉଛି। କୃଷି ଋଣ ଯେତିକି ଚାଷୀ ହାତଉଛନ୍ତି, ମଣ୍ଡିକୁ କୃଷି ଉତ୍ପାଦିତ ଦ୍ରବ୍ୟ ସେହି ଅନୁପାତରେ ଆସିପାରୁ ନାହିଁ। ସମବାୟ ସଂସ୍ଥା ପକ୍ଷରୁ ମଣ୍ଡିରେ ଅମଳକୁ ନେଇ ରଖାଯାଇଥିବା ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇପାରୁ ନାହିଁ। ଏ ସମସ୍ତ ସ୍ଥିତିକୁ ଅନୁଧ୍ୟାନ କଲେ ଚାଷୀଙ୍କ ନାଁରେ ସରକାରୀ ଯୋଜନା ବାଟମାରଣା ହେଉଛି ବୋଲି କୁହାଯାଉଛି। ଚାଷୀଙ୍କ ବଦଳରେ ଅଣଚାଷୀଙ୍କୁ ଋଣ ପ୍ରଦାନ କରାଯିବା ସହ ସରକାର ଭାଗଚାଷୀ ନିୟମ କାର୍ଯ୍ୟକାରୀ କରୁ ନ ଥିବାରୁ ପ୍ରକୃତ ଚାଷୀ ସରକାରୀ ସହାୟତାରୁ ବଞ୍ଚିତ ହେଉଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ସମବାୟ ସମ୍ପ୍ରସାରଣ ଅଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କୁ ପଚାରିବାରୁ, ଯେତିକି ଚାଷୀ ଋଣ ପାଇଁ ଆବେଦନ କରିଥିଲେ, ସେମାନଙ୍କ କାଗଜପତ୍ରକୁ ଯାଞ୍ଚ କରାଯାଇ ଅନ୍ୟୁନ ୧ ଏକରରରୁ ଅଧିକ ଚାଷ ଜମି ଥିବା ଚାଷୀଙ୍କୁ ଋଣ ପ୍ରଦାନ କରାଯାଇଛି। ଭୂମିହୀନଙ୍କୁ ଜେଏଲଜି ମାଧ୍ୟମରେ ଋଣ ପ୍ରଦାନ କରାଯିବାର ନିୟମ ରହିଛି। ପୂର୍ବରୁ ଏହି ଜରିଆରେ ଚାଷୀମାନେ ଋଣ ନେଇ ପରିଶୋଧ ନ କରିବାରୁ ଏହା କାର୍ଯ୍ୟକାରୀ ହେଉନାହିଁ ବୋଲି ମତ ରଖିଛନ୍ତି।

## ବନ ମହୋତ୍ସବରେ ଚାରାରୋପଣ

**ଧର୍ମଶାଳା, ୭।୭(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ କୁରିକେଣା ଗ୍ରାମସ୍ଥିତ ନେତାଜୀ ନୋଡାଲ ଉପ୍ରା ବିଦ୍ୟାଳୟ ଓ ପାଖର ଗ୍ରାମର ମା' ସିନ୍ଧୁରେଇ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦୀୟମାନ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁବାଷଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ପରିବେଷବିତ ଅନିଲ କୁମାର ଦାସ, ସମ୍ମାନିତ ବକ୍ତାଭାବେ ସାମାଜିକକର୍ମୀ ନରେନ୍ଦ୍ର ସାମଲ ଓ ତପନ କୁମାର ବରାଳ ଯୋଗଦେଇ ଥିଲେ। ପରିଚାଳନା କମିଟି ଅଧ୍ୟକ୍ଷା ସୁପ୍ରିୟା ବରାଳ, ପ୍ରତିଭା ନାୟକ ଓ ରଞ୍ଜୁବାଳା ପାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଫୁଲ, ଫଳ ଓ ବିଭିନ୍ନ ଔଷଧୀୟ ଚାରା ରୋପଣ କରାଯାଇଛି। ପ୍ରକାଶ କୁମାର ନାୟକ ସ୍ୱାଗତ ଭାଷଣ, ପଞ୍ଚାନନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଶରତ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ସେହିପରି ମହିଶରା ପଞ୍ଚାୟତ ଦୌଲତପୁର ଗ୍ରାମସ୍ଥିତ ହିଙ୍ଗୁଳା ବିଦ୍ୟାପୀଠ ପରିସରରେ ଅନୁଷ୍ଠାନ ପକ୍ଷରୁ ଚାରା ରୋପଣ କରାଯାଇଛି। ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ପ୍ରଧାନ, ଶିକ୍ଷକ ଧନେଶ୍ୱର ଦାସ, ସଞ୍ଜୟ କୁମାର ସାହୁ ଓ ରାଜେନ୍ଦ୍ର କୁମାର ଗିରି ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ

**ଯାଜପୁରରୋଡ଼, ୭।୭(ନି.ପ୍ର.)**

ବ୍ୟାସଦେବ ମଣ୍ଡଳ ତରଫରୁ ରବିବାର ଭାଜପାର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ବରିଷ୍ଠ ଭାଜପା ନେତା ଚନ୍ଦ୍ରଶେଖର ପଣ୍ଡାଙ୍କ ବାସଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ୟାସନଗର ମଣ୍ଡଳ ସଭାପତି ନିତ୍ୟାନନ୍ଦ ମହାଲିକ ଅଧ୍ୟକ୍ଷତା କରିଥିଲେ। ଏହି ଅଭିଯାନରେ ଗୁଣନିଧି ଗୁରୁଙ୍କୁ ସଦସ୍ୟତା ପ୍ରମୁଖ ଓ ଅସିତ କୁମାର ଦାସଙ୍କୁ ସହପ୍ରମୁଖ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ମଣ୍ଡଳର ସରୋଜ ଦେଙ୍କୁ ସଦସ୍ୟତା ଅଭିଯାନ ପ୍ରଭାରୀ ଓ ନିରଞ୍ଜନ ପେରେଇଙ୍କୁ ସହସଦସ୍ୟତା ଅଭିଯାନ ପ୍ରଭାରୀ ଦାୟିତ୍ୱ ଦିଆଯାଇଛି। ବ୍ୟାସଦେବ ମଣ୍ଡଳରେ ଆଗାମୀ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ବ୍ୟାପକ ସଦସ୍ୟତା ପାଇଁ ମଣ୍ଡଳ ସଭାପତିଙ୍କୁ ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି ଜଣାଇଛନ୍ତି। ଏଥିରେ ୫୦ରୁ ଅଧିକ ପ୍ରଥମିକ ସଦସ୍ୟ ଗ୍ରହଣ କରାଯାଇଛି।

## ଖରସ୍ରୋତା ନଦୀବନ୍ଧ ରାସ୍ତା ଶୋଚନୀୟ

**ବିଞ୍ଝାରପୁର, ୭।୭(ଡି.ଏନ.ଏ)**



ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଖରସ୍ରୋତା ନଦୀବନ୍ଧ ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇଛି। ନଦୀରୁ ବାଲି ଉଠାଇ ଟ୍ରାକ୍ଟର ଓ ଟ୍ରକ୍‌ଗୁଡିକ ଏହି ରାସ୍ତାଦେଇ ଯାତାୟାତ କରୁଛନ୍ତି। ଫଳରେ ବିଞ୍ଝାରପୁରଠାରୁ ସିଂହପୁର ପର୍ଯ୍ୟନ୍ତ ଖରସ୍ରୋତା ନଦୀବନ୍ଧରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଏଥିଯୋଗୁ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ବର୍ତ୍ତମାନ ବର୍ଷା ଋତୁ ଆରମ୍ଭ ହୋଇଥିବାରୁ ଯାତାୟାତ ସମୟରେ ଲୋକେ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଅଭିଯୋଗ ହୋଇଥିଲେ ମଧ ସୁଫଳ ମିଳିପାରି ନ ଥିବାରୁ ଜନଅସନ୍ତୋଷ ବଢିବାରେ ଲାଗିଛି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ସତ୍ୟସାଗର ଭୂୟାଁଙ୍କୁ ପଚାରିବାରୁ ସେ ଖୁବ୍‌ଶୀଘ୍ର ରାସ୍ତା ମରାମତି କରାଯିବ ବୋଲି କହିଛନ୍ତି।

■ କାରଖାନା ପ୍ରଦୂଷଣ ଯୋଗୁ ଯୁବକଙ୍କ ମୃତ୍ୟୁ ଅଭିଯୋଗ

## ଭିସା କାରଖାନା ଫାଟକ ସମ୍ମୁଖରେ ଉତ୍ତେଜନା

**କଳିଙ୍ଗନଗର, ୭।୭(ଡି.ଏନ୍.ଏ.)**

କଳିଙ୍ଗନଗର ଯଖପୁରା ଥାନା ଅନ୍ତର୍ଗତ ଭିସା ଓ ଜିନ୍ଦଲ କାରଖାନାର ପ୍ରଦୂଷଣ ଯୋଗୁ ଜଣଙ୍କ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ କୁଡୁମୀ ସାହିବାସିନ୍ଦାଙ୍କ ସହ ପରିବାରଲୋକେ ରବିବାର କାରଖାନା ଫାଟକ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ମୃତକ ଜଣଙ୍କ ହେଲେ ମଇତି ଦାସ(୨୮)। ପ୍ରକାଶ ଯେ, ମଇତି ଭିସା କାରଖାନାରେ ଠିକାଦାର ଅଧୀନରେ କାର୍ଯ୍ୟ କରୁଥିଲେ। ସେ ଜଣ୍ଡିସ୍ ରୋଗରେ ଆକ୍ରାନ୍ତ ହୋଇ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିଲେ। ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ୩ମାସ ହେବ କଟକରେ ଚିକିତ୍ସିତ ହେଉଥିଲେ। ସେଠାରେ ରବିବାର ତାଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାର ଲୋକେ ଓ ସାହି ବାସିନ୍ଦା ଭିସା କାରଖାନା ସମ୍ମୁଖରେ ଆନ୍ଦୋଳନ କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ପରିବାରକୁ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲା। ତେବେ କାରଖାନା କର୍ତ୍ତୃପକ୍ଷ ନ ଥିବାରୁ ସୋମବାର ପରିବାର ଲୋକେ ଅଭିଯୋଗ କରିବେ ବୋଲି କହିଛନ୍ତି।



ଗ୍ରାମବାସୀ କାରଖାନା ଫାଟକ ସମ୍ମୁଖରେ ଆନ୍ଦୋଳନ କରୁଛନ୍ତି।

## ବରିଷ୍ଠ ନାଗରିକ କ୍ଲବ ଗଠିତ

**ବରୀ, ୭।୭(ସ୍ୱ.ପ୍ର.):** ପବିତ୍ର ରଥଯାତ୍ରା ଅବସରରେ ଗୁରୁବାର ମାଟିଆପଡ଼ା ଗ୍ରାମସ୍ଥିତ ଶାହାଡ଼ା ସୁନ୍ଦରୀ ଦେବୀଙ୍କ ନାମରେ ଶାହାଡ଼ା ସୁନ୍ଦରୀ ବରିଷ୍ଠ ନାଗରିକ କ୍ଲବ ଗଠିତ ହୋଇଛି। ଏ ନେଇ ଚାନ୍ଦମଣି କରଙ୍କ ସଭାପତିତ୍ୱରେ ତାଙ୍କ ବାସଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୫ ଜଣ ବରିଷ୍ଠ ନାଗରିକ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସର୍ବସମ୍ମତିକ୍ରମେ ଚାନ୍ଦମଣି କରଙ୍କୁ ସଭାପତି ଓ ମନୋଜତ କୁମାର କରଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଛି।

OFFICE OF THE PRINCIPAL
S.C.S. (AUTONOMOUS) COLLEGE, PURI

**No. 2392** | **Date: 06.07.2019**

**ADMISSION NOTICE**

The last date of receipt of filed in Application form for admission into the 2 years B.A. B.Ed. & B.Sc. B.Ed./ 4 years Integrated B.A. B.Ed. & B.Sc. B.Ed. courses for the session 2019-20 is extended upto **5.00 PM of 18.07.2019.**

The application form alongwith the Information Brochure can be downloaded from the college website **www.scscollege.nic.in.**

**Principal,**
**S.C.S. (A) College, Puri**

ODISHA STATE BEVERAGES CORPORATION LTD.
(A Government of Odisha Undertaking)
2nd Floor, Fortune Towers, Chandrasekharpur, Bhubaneswar-751023 (Odisha)
CIN: U51228OR000SGC006372
Tel: 0674-2303972 (O), Email: osbcltd@gmail.com
Website: https://osbc.co.in

**APPLICATION FOR ENGAGEMENT OF ONE TECHNICAL CONSULTANT (CIVIL ENGINEER) FOR OSBC LTD.**

**No. CAD-165:-** Applications are invited from Retired Executive Engineer (Civil)/ Assistant Executive Engineer (Civil) Retd. for engagement as a full time Technical Consultant (Civil Engineer) for OSBC Ltd. on monthly consolidated fee basis for a period of one year.

Interested retired personnel may visit the official website of OSBC Ltd. i.e. https://osbc.co.in for details.

Last date of receipt of the resume/ application is 29.07.2019.

*Sd./- General Manager (Admn.)*

36003/11/0002/1920

**ଆଲ୍ଲାହାବାଦ ବ୍ୟାଙ୍କ** — **ଡ଼ିମାଣ୍ଡ ନୋଟିସ୍**
ଭୁବନେଶ୍ୱର ମୁଖ୍ୟ ଶାଖା, ୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ ଆଲ୍ଲାହାବାଦ ବ୍ୟାଙ୍କ ଦ୍ୱାରା ଜାରି କରାଯାଇଥିବା ଡ଼ିମାଣ୍ଡ ନୋଟିସ୍ ଯାହା ଏହି ଶାଖାର ଋଣଗ୍ରହୀତାଙ୍କ ବିରୁଦ୍ଧରେ ତାହା ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

| ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ଋଣ ପରିମାଣ | ବକେୟା ଦେୟ | ନୋଟିସ୍ ତାରିଖ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|---|
| **ଋଣଗ୍ରହୀତା: ମେସର୍ସ ଚିତ୍ରା ବିଲ୍ଡର୍ସ ପ୍ରା.ଲିଃ,** ଠିକଣା-୧: ଘର ନଂ.-୪୦୫, ୪ର୍ଥ ମହଲା, ସେଣ୍ଟର ପଏଣ୍ଟ ବିଲ୍ଡିଂ, ୨୧, ହେମନ୍ତ ବସୁ ସାରଣୀ, କୋଲକାତା- ୭୦୦୦୦୧, ଠିକଣା-୨: ବ୍ଲକ ଏସି ୧୪୮, ତଳ ମହଲା, ସଲ୍ଟଲେକ୍ ସିଟି, ସେକ୍ଟର-୧, କୋଲକାତା- ୭୦୦୦୬୪, **ଶ୍ରୀ ସୁନିଲ୍ କୁମାର ସାହ (ନିର୍ଦ୍ଦେଶକ/ଜାମିନ୍‌ଦାର), ଏବଂ ଶ୍ରୀମତୀ ରାଶି ସାହ (ନିର୍ଦ୍ଦେଶକ/ଜାମିନ୍‌ଦାର),** ଉଭୟଙ୍କ ଠିକଣା: ଗ୍ରାମ- ୩୫୭, ଗ୍ରୀନ୍ ହୋମ୍ସ, ପୋ- ଓନାପାଲାୟମ୍, ଥାନା: ଥୋଣ୍ଡା ମୁଥୁର, କୋଏମ୍ବାଟୋର, ତାମିଲନାଡୁ। | **ଟ.୩,୦୦,୦୦,୦୦୦/-** | ତା୨୪.୦୬.୨୦୧୯ ସୁଦ୍ଧା **ଟ.୩,୦୫,୩୩,୭୨୬/-** | **୨୫.୦୬.୨୦୧୯** | (୧) ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ୍- ଯାଜପୁର, ଥାନା- ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୭୯, ପ୍ଲଟ ନଂ.-୯୮, ଏରିଆ- ଏ୦.୩୭ ଡିସିମିଲି । (୨) ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ୍- ଯାଜପୁର, ଥାନା- ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୪୦, ପ୍ଲଟ ନଂ.-୨୧, ଏରିଆ- ଏ୦.୦୪ ଡିସିମିଲି, ପ୍ଲଟ ନଂ.-୬୨, ଏରିଆ- ଏ୦.୧୦ ଡିସିମିଲି, ପ୍ଲଟ ନଂ.-୬୩, ଏରିଆ- ଏ୦.୧୬ ଡିସିମିଲି, ପ୍ଲଟ ନଂ.-୬୪, ଏରିଆ- ଏ୦.୨୦ ଡିସିମିଲି, ପ୍ଲଟ ନଂ.-୬୫, ଏରିଆ- ଏ୦.୦୩ ଡିସିମିଲି, ପ୍ଲଟ ନଂ.-୭୧/୪୩୦, ଏରିଆ- ଏ୦.୦୨ ଡିସିମିଲି, ପ୍ଲଟ ନଂ.-୬୫/୪୩୧, ଏରିଆ- ଏ୦.୦୩ ଡିସିମିଲି, ପ୍ଲଟ ନଂ.-୬୨/୪୩୨, ଏରିଆ- ଏ୦.୧୦ ଡିସିମିଲି, ପ୍ଲଟ ନଂ.-୨୧/୪୨୮, ଏରିଆ- ଏ୦.୦୪ ଡିସିମିଲି, ପ୍ଲଟ ନଂ.-୨୧/୪୨୯, ଏରିଆ- ଏ୦.୦୨ ଡିସିମିଲି, ପ୍ଲଟ ନଂ.-୬୬, ଏରିଆ- ଏ୦.୦୮ ଡିସିମିଲି, ପ୍ଲଟ ନଂ.-୬୭, ଏରିଆ- ଏ୦.୦୬ ଡିସିମିଲି । (୩) ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ୍- ଯାଜପୁର, ଥାନା- ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୪୧, ପ୍ଲଟ ନଂ.-୫୯, ଏରିଆ- ଏ୦.୦୬ ଡିସିମିଲି, ପ୍ଲଟ ନଂ.-୬୮, ଏରିଆ- ଏ୦.୨୨ ଡିସିମିଲି, ପ୍ଲଟ ନଂ.-୮୮, ଏରିଆ- ଏ୦.୬୪ ଡିସିମିଲି, ପ୍ଲଟ ନଂ.-୯୨, ଏରିଆ- ଏ୦.୧୫ ଡିସିମିଲି, ପ୍ଲଟ ନଂ.-୯୩, ଏରିଆ- ଏ୦.୨୫ ଡିସିମିଲି, ପ୍ଲଟ ନଂ.-୯୬, ଏରିଆ- ଏ୦.୨୪ ଡିସିମିଲି । (୪) ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ୍- ଯାଜପୁର, ଥାନା- ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୮୨, ପ୍ଲଟ ନଂ.-୮୫/୪୫୮, ଏରିଆ- ଏ୦.୨୯ ଡିସିମିଲି । (୫) ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ୍- ଯାଜପୁର, ଥାନା- ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୫, ପ୍ଲଟ ନଂ.-୭୩/୪୫୫, ଏରିଆ- ଏ୦.୨୦ ଡିସିମିଲି, ପ୍ଲଟ ନଂ.-୧୨୦/୪୫୬, ଏରିଆ- ଏ୦.୧୦ ଡିସିମିଲି, ପ୍ଲଟ ନଂ.-୧୨୨/୪୫୭, ଏରିଆ- ଏ୦.୩୪ ଡିସିମିଲି । (୬) ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ୍- ଯାଜପୁର, ଥାନା- ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୪, ପ୍ଲଟ ନଂ.-୮୭, ଏରିଆ- ଏ୦.୫୦ ଡିସିମିଲି । |

ଆପଣମାନେ ଆମ, ଉପରୋକ୍ତ ଋଣଗ୍ରହୀତା/ ଜାମିନ୍‌ଦାର/ ବନ୍ଧକଦାତା/ ଆଇନଗତ ଉତ୍ତରାଧିକାରୀମାନେ ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧର ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ **ତା ୨୫.୦୬.୨୦୧୯ ରିଖ**ରେ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ବ୍ୟାଙ୍କ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବ । ଆପଣଙ୍କୁ ଜଣାଇ ଦିଆଯାଉଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ର ଧାରା ୧୩(୧୩) ନୀୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତ ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ପଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ/ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ ।

**ସ୍ଥାନ-ଭୁବନେଶ୍ୱର, ତାରିଖ-୦୬.୦୭.୨୦୧୯** — **କ୍ଷମତାପ୍ରାପ୍ତ ଅଧିକାରୀ,ଆଲ୍ଲାହାବାଦ ବ୍ୟାଙ୍କ**

**( ସ୍ୱତନ୍ତ୍ର ଟ୍ରେନ୍ )**

**ହବିବଗଞ୍ଜ-ପୁରୀ-ହବିବଗଞ୍ଜ ଏକ୍ସପ୍ରେସ୍ ସ୍ୱତନ୍ତ୍ର**
ଟ୍ରେନ୍ ନଂ. 01661 ହବିବଗଞ୍ଜ ଠାରୁ ତା.02.07.2019 ରୁ 30.07.2019 ରିଖ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର
ଟ୍ରେନ୍ ନଂ. 01662 ପୁରୀ ଠାରୁ ତା.03.07.2019 ରୁ 31.07.2019 ରିଖ ପର୍ଯ୍ୟନ୍ତ ପ୍ରତି ବୁଧବାର

| ଟ୍ରେନ୍ ନଂ. 01661 | | ↓ଷ୍ଟେସନ↑ | ଟ୍ରେନ୍ ନଂ. 01662 | |
|---|---|---|---|---|
| ଆଗମନ | ପ୍ରସ୍ଥାନ | | ଆଗମନ | ପ୍ରସ୍ଥାନ |
| - | 0720 (ମଙ୍ଗଳ) | ହବିବଗଞ୍ଜ | 1120 (ଗୁରୁ) | - |
| 0105 | 0110 | ସମ୍ବଲପୁର ସିଟି | 1700 | 1705 |
| 0845 (ବୁଧ) | - | ପୁରୀ | - | 1115 (ବୁଧ) |

**ପୁରୀ-ସାନ୍ତାଗାଛି-ପୁରୀ ସାପ୍ତାହିକ ସ୍ୱତନ୍ତ୍ର ଭଡ଼ା ସ୍ୱତନ୍ତ୍ର ଟ୍ରେନ୍**
ଟ୍ରେନ୍ ନଂ. 08403 ପୁରୀ ଠାରୁ ତା.05.07.2019 ରୁ 27.09.2019 ରିଖ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର
ଟ୍ରେନ୍ ନଂ.08404 ସାନ୍ତାଗାଛି ଠାରୁ ତା.06.07.2019 ରୁ 28.09.2019 ରିଖ ପର୍ଯ୍ୟନ୍ତ ପ୍ରତି ଶନିବାର

| ଟ୍ରେନ୍ ନଂ. 08403 | | ↓ଷ୍ଟେସନ↑ | ଟ୍ରେନ୍ ନଂ. 08404 | |
|---|---|---|---|---|
| ଆଗମନ | ପ୍ରସ୍ଥାନ | | ଆଗମନ | ପ୍ରସ୍ଥାନ |
| - | 2125 (ଶୁକ୍ର) | ପୁରୀ | 0400 (ରବି) | - |
| 2300 | 2305 | ଭୁବନେଶ୍ୱର | 0110 | 0115 |
| 0645 (ଶନି) | - | ସାନ୍ତାଗାଛି | - | 1910 (ଶନି) |

**ଭୁବନେଶ୍ୱର-ସିକନ୍ଦରାବାଦ-ଭୁବନେଶ୍ୱର ସାପ୍ତାହିକ ଏସି ସ୍ୱତନ୍ତ୍ର ଏକ୍ସପ୍ରେସ୍**
ଟ୍ରେନ୍ ନଂ. 08407 ଭୁବନେଶ୍ୱର ଠାରୁ ତା.04.07.2019 ରୁ 26.09.2019 ରିଖ ପର୍ଯ୍ୟନ୍ତ ପ୍ରତି ଗୁରୁବାର
ଟ୍ରେନ୍ ନଂ.08408 ସିକନ୍ଦରାବାଦ ଠାରୁ ତା.05.07.2019 ରୁ 27.09.2019 ରିଖ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର

| ଟ୍ରେନ୍ ନଂ. 08407 | | ↓ଷ୍ଟେସନ↑ | ଟ୍ରେନ୍ ନଂ. 08408 | |
|---|---|---|---|---|
| ଆଗମନ | ପ୍ରସ୍ଥାନ | | ଆଗମନ | ପ୍ରସ୍ଥାନ |
| - | 1320 (ଗୁରୁ) | ଭୁବନେଶ୍ୱର | 1715 (ଶନି) | - |
| 2025 | 2045 | ବିଶାଖାପାଟଣା | 1010 | 1030 |
| 0900 (ଶୁକ୍ର) | - | ସିକନ୍ଦରାବାଦ | - | 2130 (ଶୁକ୍ର) |

**କାଚେଗୁଡ଼ା-ବିଶାଖାପାଟଣା-କାଚେଗୁଡ଼ା ସାପ୍ତାହିକ ଏକ୍ସପ୍ରେସ୍ ସ୍ୱତନ୍ତ୍ର ଟ୍ରେନ୍**
ଟ୍ରେନ୍ ନଂ. 07148 କାଚେଗୁଡ଼ା ଠାରୁ ତା.07.07.2019 ରୁ 29.09.2019 ରିଖ ପର୍ଯ୍ୟନ୍ତ ପ୍ରତି ରବିବାର
ଟ୍ରେନ୍ ନଂ.07147 ବିଶାଖାପାଟଣା ଠାରୁ ତା.08.07.2019 ରୁ 30.09.2019 ରିଖ ପର୍ଯ୍ୟନ୍ତ ପ୍ରତି ସୋମବାର

| ଟ୍ରେନ୍ ନଂ. 07148 | | ↓ଷ୍ଟେସନ↑ | ଟ୍ରେନ୍ ନଂ. 07149 | |
|---|---|---|---|---|
| ଆଗମନ | ପ୍ରସ୍ଥାନ | | ଆଗମନ | ପ୍ରସ୍ଥାନ |
| - | 1845 (ରବି) | କାଚେଗୁଡ଼ା | 0630 (ମଙ୍ଗଳ) | - |
| 0630 (ସୋମ) | - | ବିଶାଖାପାଟଣା | - | 1945 (ସୋମ) |

**ସିକନ୍ଦରାବାଦ-କାମାକ୍ଷା-ସିକନ୍ଦରାବାଦ ସ୍ୱତନ୍ତ୍ର ଟ୍ରେନ୍**
ଟ୍ରେନ୍ ନଂ. 07149 ସିକନ୍ଦରାବାଦ ଠାରୁ ତା.05.07.2019 ରୁ 27.09.2019 ରିଖ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର
ଟ୍ରେନ୍ ନଂ.07150 କାମାକ୍ଷା ଠାରୁ ତା.08.07.2019 ରୁ 30.09.2019 ରିଖ ପର୍ଯ୍ୟନ୍ତ ପ୍ରତି ସୋମବାର

| ଟ୍ରେନ୍ ନଂ. 07149 | | ↓ଷ୍ଟେସନ↑ | ଟ୍ରେନ୍ ନଂ. 07150 | |
|---|---|---|---|---|
| ଆଗମନ | ପ୍ରସ୍ଥାନ | | ଆଗମନ | ପ୍ରସ୍ଥାନ |
| - | 0810 (ଶୁକ୍ର) | ସିକନ୍ଦରାବାଦ | 0915 (ବୁଧ) | - |
| 2005 | 2007 | ଦୁଭାଡ଼ା | 1803 | 1805 |
| 0340 | 0345 | ଭୁବନେଶ୍ୱର | 0935 | 0940 |
| 0820 (ରବି) | - | କାମାକ୍ଷା | - | 0542 (ସୋମ) |

**ସାନ୍ତାଗାଛି-ଚେନ୍ନାଇ ସେଣ୍ଟ୍ରାଲ୍-ସାନ୍ତାଗାଛି ସ୍ୱତନ୍ତ୍ର ଭଡ଼ା ସ୍ୱତନ୍ତ୍ର ଟ୍ରେନ୍**
ଟ୍ରେନ୍ ନଂ. 02841 ସାନ୍ତାଗାଛି ଠାରୁ ତା.05.07.2019 ରୁ 27.09.2019 ରିଖ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର
ଟ୍ରେନ୍ ନଂ.02842 ଚେନ୍ନାଇ ସେଣ୍ଟ୍ରାଲ୍ ଠାରୁ ତା.06.07.2019 ରୁ 28.09.2019 ରିଖ ପର୍ଯ୍ୟନ୍ତ ପ୍ରତି ଶନିବାର

| ଟ୍ରେନ୍ ନଂ.02841 | | ↓ଷ୍ଟେସନ↑ | ଟ୍ରେନ୍ ନଂ. 02842 | |
|---|---|---|---|---|
| ଆଗମନ | ପ୍ରସ୍ଥାନ | | ଆଗମନ | ପ୍ରସ୍ଥାନ |
| - | 1240 (ଶୁକ୍ର) | ସାନ୍ତାଗାଛି | 1230 (ରବି) | - |
| 1945 | 1950 | ଭୁବନେଶ୍ୱର | 1520 | 1525 |
| 0303 | 0305 | ଦୁଭାଡ଼ା | 0740 | 0742 |
| 1520 (ଶନି) | - | ଚେନ୍ନାଇ ସେଣ୍ଟ୍ରାଲ୍ | - | 1820 (ଶନି) |

**ସମ୍ବଲପୁର-ବନସୱାଡ଼ି-ସମ୍ବଲପୁର ସାପ୍ତାହିକ ସ୍ୱତନ୍ତ୍ର ଭଡ଼ା ସ୍ୱତନ୍ତ୍ର ଟ୍ରେନ୍**
ଟ୍ରେନ୍ ନଂ. 08301 ସମ୍ବଲପୁର ଠାରୁ ତା.03.07.2019 ରୁ 25.09.2019 ରିଖ ପର୍ଯ୍ୟନ୍ତ ପ୍ରତି ବୁଧବାର
ଟ୍ରେନ୍ ନଂ. 08302 ବନସୱାଡ଼ି ଠାରୁ ତା.04.07.2019 ରୁ 26.09.2019 ରିଖ ପର୍ଯ୍ୟନ୍ତ ପ୍ରତି ଗୁରୁବାର

| ଟ୍ରେନ୍ ନଂ. 08301 | | ↓ଷ୍ଟେସନ↑ | ଟ୍ରେନ୍ ନଂ. 08302 | |
|---|---|---|---|---|
| ଆଗମନ | ପ୍ରସ୍ଥାନ | | ଆଗମନ | ପ୍ରସ୍ଥାନ |
| - | 0930 (ବୁଧ) | ସମ୍ବଲପୁର | 0635 (ଶନି) | - |
| 1540 | 1555 | ରାୟଗଡ଼ା | 2350 | 0005 |
| 1845 | 1905 | ବିଶାଖାପାଟଣା | 2100 | 2120 |
| 1330 (ଗୁରୁ) | - | ବନସୱାଡ଼ି | - | 2330 (ଗୁରୁ) |

**ଶାଲିମାର-ପୁରୀ-ସାନ୍ତାଗାଛି ସ୍ୱତନ୍ତ୍ର ଟ୍ରେନ୍**
ଟ୍ରେନ୍ ନଂ. 08037 ଶାଲିମାର ଠାରୁ ତା.05.07.2019 ରୁ 27.09.2019 ରିଖ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର ତା. 12.07.2019 ବ୍ୟତୀତ
ଟ୍ରେନ୍ ନଂ.08038 ପୁରୀ ଠାରୁ ତା.06.07.2019 ରୁ 28.09.2019 ରିଖ ପର୍ଯ୍ୟନ୍ତ ପ୍ରତି ଶନିବାର ତା. 13.07.2019 ବ୍ୟତୀତ

| ଟ୍ରେନ୍ ନଂ. 08037 | | ↓ଷ୍ଟେସନ↑ | ଟ୍ରେନ୍ ନଂ. 08038 | |
|---|---|---|---|---|
| ଆଗମନ | ପ୍ରସ୍ଥାନ | | ଆଗମନ | ପ୍ରସ୍ଥାନ |
| - | 2355 (ଶୁକ୍ର) | ଶାଲିମାର | - | - |
| - | - | ସାନ୍ତାଗାଛି | 1000 (ରବି) | - |
| 1015 (ଶନି) | - | ପୁରୀ | - | 2355 (ଶନି) |

**ସିକନ୍ଦରାବାଦ-ଭୁବନେଶ୍ୱର-ସିକନ୍ଦରାବାଦ ଦ୍ୱି ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍**
ଟ୍ରେନ୍ ନଂ. 02784 ସିକନ୍ଦରାବାଦ ଠାରୁ ତା.03.07.2019 ରୁ 28.09.2019 ରିଖ ପର୍ଯ୍ୟନ୍ତ ପ୍ରତି ବୁଧବାର ଏବଂ ଶନିବାର
ଟ୍ରେନ୍ ନଂ.02783 ଭୁବନେଶ୍ୱର ଠାରୁ ତା.04.07.2019 ରୁ 29.09.2019 ରିଖ ପର୍ଯ୍ୟନ୍ତ ପ୍ରତି ଗୁରୁବାର ଏବଂ ରବିବାର

| ଟ୍ରେନ୍ ନଂ. 02784 | | ↓ଷ୍ଟେସନ↑ | ଟ୍ରେନ୍ ନଂ.02783 | |
|---|---|---|---|---|
| ଆଗମନ | ପ୍ରସ୍ଥାନ | | ଆଗମନ | ପ୍ରସ୍ଥାନ |
| - | 1230 | ସିକନ୍ଦରାବାଦ | 1400 | - |
| 0103 | 0105 | ଦୁଭାଡ଼ା | 0215 | 0220 |
| 0230 | 0245 | ବିଜୟନଗରମ୍ | 0035 | 0050 |
| 0930 | - | ଭୁବନେଶ୍ୱର | - | 1800 |

**କାଚେଗୁଡ଼ା-ବିଶାଖାପାଟଣା-ତିରୁପତି ସ୍ୱତନ୍ତ୍ର ଟ୍ରେନ୍**
ଟ୍ରେନ୍ ନଂ. 07016 କାଚେଗୁଡ଼ା ଠାରୁ ତା.02.07.2019 ରୁ 24.09.2019 ରିଖ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର
ଟ୍ରେନ୍ ନଂ. 07479 ବିଶାଖାପାଟଣା ଠାରୁ ତା.03.07.2019 ରୁ 25.09.2019 ରିଖ ପର୍ଯ୍ୟନ୍ତ ପ୍ରତି ବୁଧବାର

| ଟ୍ରେନ୍ ନଂ. 07016 | | ↓ଷ୍ଟେସନ↑ | ଟ୍ରେନ୍ ନଂ. 07479 | |
|---|---|---|---|---|
| ଆଗମନ | ପ୍ରସ୍ଥାନ | | ଆଗମନ | ପ୍ରସ୍ଥାନ |
| - | 1845 (ମଙ୍ଗଳ) | କାଚେଗୁଡ଼ା | - | - |
| - | - | ତିରୁପତି | 0925 (ଗୁରୁ) | - |
| 0750 (ବୁଧ) | - | ବିଶାଖାପାଟଣା | - | 1905 (ବୁଧ) |

**ବିଶାଖାପାଟଣା-ସିକନ୍ଦରାବାଦ-ବିଶାଖାପାଟଣା ସ୍ୱତନ୍ତ୍ର ଟ୍ରେନ୍**
ଟ୍ରେନ୍ ନଂ. 08501 ବିଶାଖାପାଟଣା ଠାରୁ ତା.02.07.2019 ରୁ 24.09.2019 ରିଖ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର
ଟ୍ରେନ୍ ନଂ.08502 ତିରୁପତି ଠାରୁ ତା.03.07.2019 ରୁ 25.09.2019 ରିଖ ପର୍ଯ୍ୟନ୍ତ ପ୍ରତି ବୁଧବାର

| ଟ୍ରେନ୍ ନଂ. 08501 | | ↓ଷ୍ଟେସନ↑ | ଟ୍ରେନ୍ ନଂ. 08502 | |
|---|---|---|---|---|
| ଆଗମନ | ପ୍ରସ୍ଥାନ | | ଆଗମନ | ପ୍ରସ୍ଥାନ |
| - | 2300 (ମଙ୍ଗଳ) | ବିଶାଖାପାଟଣା | 0450 (ଗୁରୁ) | - |
| 0211 | 0213 | ରାଜମହେନ୍ଦ୍ରୀ | 0120 | 0122 |
| 1200 (ବୁଧ) | - | ସିକନ୍ଦରାବାଦ | - | 1630 (ବୁଧ) |

**ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ସ୍ୱତନ୍ତ୍ର ଟ୍ରେନ୍**
ଟ୍ରେନ୍ ନଂ. 08573 ବିଶାଖାପାଟଣା ଠାରୁ ତା.01.07.2019 ରୁ 30.09.2019 ରିଖ ପର୍ଯ୍ୟନ୍ତ ପ୍ରତି ସୋମବାର
ଟ୍ରେନ୍ ନଂ.08574 ତିରୁପତି ଠାରୁ ତା.02.07.2019 ରୁ 01.10.2019 ରିଖ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର

| ଟ୍ରେନ୍ ନଂ. 08573 | | ↓ଷ୍ଟେସନ↑ | ଟ୍ରେନ୍ ନଂ. 08574 | |
|---|---|---|---|---|
| ଆଗମନ | ପ୍ରସ୍ଥାନ | | ଆଗମନ | ପ୍ରସ୍ଥାନ |
| - | 2255 (ସୋମ) | ବିଶାଖାପାଟଣା | 0650 (ବୁଧ) | - |
| 0510 | 0520 | ବିଜୟୱାଡ଼ା | 2310 | 2325 |
| 1325 (ମଙ୍ଗଳ) | - | ତିରୁପତି | - | 1530 (ମଙ୍ଗଳ) |

**ପୂର୍ବ ତଟ ରେଳପଥ**
PR-212/K/19-20
Follow us on : www.facebook/@EASTCOASTRailway1 www.twitter/@eastcoastrail



ସତ୍ୟ ହେଉଛି ଏକ କଣ୍ଟକିତ ବାଟ। ଏହି ବାଟରେ ଗଲେ ଲହୁଲୁହାଣ ହେବାକୁ ପଡ଼ିପାରେ। କିନ୍ତୁ ଏହା ହେଉଛି ସିଧା ବାଟ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ରସୁଲପୁର,୭।୭(ଡିଏନଏ):** ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଦାସ ଫାଉଣ୍ଡେସନ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପାଉଣ୍ଡେଶନ ପ୍ରତିଷ୍ଠାତା ପ୍ରମୋଦ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବରେ ଆଇନ ବିଭାଗ ପକ୍ଷରୁ ରାମଚନ୍ଦ୍ର ବାରିକ, ଗୋକର୍ଣ୍ଣିକା ସଭାପତି ରମାକାନ୍ତ ଜେନା, ଜିଲା ଲେଖକ ସମ୍ମେଳନର ସଭାପତି ରୁଦ୍ରନାରାୟଣ ପୃଷ୍ଟି, ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ଦାସ, ମୃତ୍ୟୁଞ୍ଜୟ ମିଶ୍ର ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ପ୍ରକାଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷିକାଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବଟକୃଷ୍ଣ ପାଣି ମେମୋରିଆଲ ତରଫରୁ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

### ଭାଜପାର ସଦସ୍ୟତା ଅଭିଯାନ

**ସିଂହପୁର,୭।୭(ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ୨୮ ନଂ. ଜୋନର ନାଉବାଙ୍କ ଜାବିନେଶ୍ୱରୀ ପୀଠରେ ରବିବାର ଭାଜପାର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ନିରଞ୍ଜନ ବେଉରିଆଙ୍କ ଆହ୍ୱାନରେ ପଞ୍ଚାୟତ ପ୍ରମୁଖ ଏକାଦଶୀ ମହାଳିକ, ଗଗନ ବିହାରୀ ନାୟକ, ଶୈଳେନ୍ଦ୍ର ନାୟକ, ବିଜୟ ସାମଲ, ଘନଶ୍ୟାମ ନାୟକ, ମଦନ ମୋହନ ଜେନା, ଜୟନ୍ତ ଜେନା, ସତ୍ୟରଞ୍ଜନ ବେହେରା, ସତ୍ୟରଞ୍ଜନ ସାମଲ, ସଞ୍ଜୀବ ସାମଲ, ପ୍ରମୋଦ ଜେନାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ବିଞ୍ଝାରପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ସରକାରୀ ଯୋଜନାର ଅନିୟମିତତାକୁ ବିରୋଧ କରାଯିବ ବୋଲି ଉପସ୍ଥିତ କର୍ମୀ କହିଥିଲେ।

### ଅବସରପ୍ରାପ୍ତ କୃଷି ବିଭାଗ କର୍ମଚାରୀଙ୍କ ପରଲୋକ

**ସିଂହପୁର,୭।୭(ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମର ଅବସରପ୍ରାପ୍ତ କୃଷି ବିଭାଗର ବରିଷ୍ଠ କର୍ମଚାରୀ ବ୍ରହ୍ମାନନ୍ଦ ଥାଟୋଇଙ୍କ ଶନିବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଛି। ସେ ଜଣେ ପରୋପକାରୀ, ଧର୍ମପରାୟଣ ଓ ବିଞ୍ଝାରପୁର ମଣ୍ଡଳ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସ୍ଥାୟୀ ଆଜୀବନ ସଭ୍ୟ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ଥାଟୋଇଙ୍କ ବିୟୋଗରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ରାଧାକୃଷ୍ଣ ସାହୁ, ସମ୍ପାଦକ ନିରଞ୍ଜନ ଦାସ, ବିଞ୍ଝାରପୁର ନାଗରିକ ମଞ୍ଚ ସଭାପତି ରବୀନ୍ଦ୍ର ଧଳ, ଖବରଦାତା ଅନିରୁଦ୍ଧ ବେଉରିଆ, ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ■ସମ୍ପୂର୍ଣ୍ଣ ବିକଶିତ ହେଉନି କୁସୁମା

# ପ୍ରତିଶ୍ରୁତିକୁ ପୂରିଲା ୬ମାସ, ହେଲାନି ବୋଟିଂ ବ୍ୟବସ୍ଥା

**ଯାଜପୁର ଅଫିସ,୭।୭**



■ପୋଖରୀରେ ପଡ଼ି ରହିଛି ବୋଟ, କାର୍ଯ୍ୟକାରୀ ହେଉନି

■ନିରାଶ ହୋଇ ଫେରି ଯାଉଛନ୍ତି ଶିଶୁ

ଯାଜପୁର ସହରରେ ଥିବା ସୌନ୍ଦର୍ଯ୍ୟରାଣୀ କୁସୁମା ଏଯାଏ ସମ୍ପୂର୍ଣ୍ଣ ବିକଶିତ ହୋଇପାରି ନାହିଁ। ଜାନୁୟାରୀରୁ ସର୍ବସାଧାରଣଙ୍କ ପାଇଁ କୁସୁମା ଭିତରକୁ ପ୍ରବେଶ ଅନୁମତି ମଳିଛି। ଜଣେ ପର୍ଯ୍ୟଟକଙ୍କୁ ୩୦ ଟଙ୍କା ହିସାବରେ ଦୈନିକ ହାରାହାରି ୧୫ରୁ ୨୦ ହଜାର ଟଙ୍କା ଆଦାୟ ହେଉଛି। ଯାଜପୁର ମ୍ୟୁନିସିପାଲିଟୀ ଏହାର ଦାୟିତ୍ୱରେ ରହିଛି । ତେବେ ଗତ ଜାନୁୟାରୀରେ ନିୟମିତ ଭାବେ ସାଧାରଣ ଲୋକଙ୍କ ପ୍ରବେଶ ଆରମ୍ଭ ହୋଇଥିବା କୁସୁମାରେ ଏଯାଏ ବୋଟିଂ ବ୍ୟବସ୍ଥା ହୋଇପାରି ନାହିଁ। ପ୍ରବେଶ ଅନୁମତି ଦିନ ଅର୍ଥାତ ଗତ ଜାନୁୟାରୀ ୧୫ରେ ସପ୍ତାହକ ମଧ୍ୟରେ କୁସୁମାରେ ବୋଟିଂ ବ୍ୟବସ୍ଥା କରାଯିବ ବୋଲି ଘୋଷଣା କରାଯାଇଥିଲା। ଏ ସଂକ୍ରାନ୍ତରେ କେତେକ ଗଣମାଧ୍ୟମରେ ପ୍ରଚାର ମଧ୍ୟ ହୋଇଥିଲା। ହେଲେ ପ୍ରାୟ ୬ମାସ ବିତିଯାଇଥିଲେ ହେଁ ବୋଟିଂ ବ୍ୟବସ୍ଥା ହୋଇ ପାରିନାହିଁ। ଏଥିରେ ପ୍ରାୟ ୨୦କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସତ୍ତ୍ୱେ ବୋଟିଂ ବ୍ୟବସ୍ଥା ହେଉ ନ ଥିବାରୁ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ବୋଟିଂ ପାଇଁ ଆଗ୍ରହୀ ଯୁବତୀଯୁବକ, ଶିଶୁ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଛି।

ରଙ୍ଗ ବେରଙ୍ଗ ଫୁଲର ସମ୍ଭାର, ନୀଳ ଜଳରାଶି, ପିଲାଙ୍କ ଖେଳକୁଦ ସ୍ଥଳୀ, ପାର୍କ, ଅନନ୍ୟ ପାଣି ଫୁଆରା ଆଦି ସୌନ୍ଦର୍ଯ୍ୟ ପରିବେଶକୁ ନେଇ ଯାଜପୁରର ଶୋଭା ବଢ଼ାଇଛି କୁସୁମା। ରାଜସ୍ୱ ଆଦାୟ ଲକ୍ଷ୍ୟରେ ଏହି ପୋଖରୀ ପର୍ଯ୍ୟଟକଙ୍କ ପାଇଁ ଖୋଲା ଯାଉଛି। ସର୍ବଜନ ବିଦିତ ମା' ବିରଜାଙ୍କୁ ଦର୍ଶନ କରିବାକୁ ଆସୁଥିବା ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକମାନେ ଆତ୍ମତୃପ୍ତି ପାଇବାକୁ ଏହି କୁସୁମା ଭିତରକୁ ଯାଉଥିବା ଦେଖିବାକୁ ମିଳୁଛି। ଶିଶୁଙ୍କଠାରୁ ଆରମ୍ଭ କରି ବୟସ୍କ ମହିଳାପୁରୁଷ କୁସୁମା ସୌନ୍ଦର୍ଯ୍ୟରେ ବିମୋହିତ ହେଉଛନ୍ତି। ହେଲେ ବୋଟିଂ ବ୍ୟବସ୍ଥା ସମ୍ପୂର୍ଣ୍ଣ ହେଉ ନ ଥିବାରୁ ବିଶେଷ କରି ଶିଶୁଙ୍କ ମୁହଁରେ ନିରାଶାଭାବ ଦେଖିବାକୁ ମିଳିଛି। ପୋଖରୀରେ କିଛି ବୋଟ ରଖାଯାଇଛି। ହେଲେ ତାହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ପାଦ ଚାଳିତ ବୋଟ ଅଣାଯାଇଥିଲେ ହେଁ କେଉଁ କାରଣରୁ ତାହା କାର୍ଯ୍ୟକାରୀ ହେଉନାହିଁ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବୋଟଗୁଡିକୁ ଦେଖି କୁସୁମା ଭିତରକୁ ଯାଉଥିବା ଶିଶୁ ବସିବାକୁ ଦୌଡି ଯାଉଛନ୍ତି। ପରେ ତାହା ଚାଲୁ ନ ଥିବା ଜାଣି କୋମଳମତି ଶିଶୁମାନେ ପୁଣି ଫେରି ଆସୁଛନ୍ତି । ପ୍ରାୟ ୪ବର୍ଷ ତଳେ କୁସୁମା ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା । ମା' ବିରଜାଙ୍କ ଦର୍ଶନାର୍ଥେ ବାହାରୁ ଆସୁଥିବା ଆଗନ୍ତୁକଙ୍କ ସମେତ ସହରବାସୀଙ୍କ ଆମୋଦ ପ୍ରମୋଦ ପାଇଁ ଏହି ଐତିହାସିକ କୁସୁମା ପୋଖରୀ ନିର୍ମାଣର ଉଦ୍ଦେଶ୍ୟ ରହିଥିଲା। ତେବେ ଗତ ମାର୍ଚ୍ଚ ୨୪ରେ ଯାଜପୁର ପୌର ପରିଷଦର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ କୁସୁମାକୁ ଲୋକାର୍ପଣ କରିଥିଲେ। ଏହାପରେ ୨ ମାସ ପର୍ଯ୍ୟନ୍ତ କୁସୁମା ଖୋଲା ଯାଇଥିଲା। କିନ୍ତୁ କେତେକ କାର୍ଯ୍ୟ ଅଧାପନ୍ତରିଆ ରହିଥିବା ଦର୍ଶାଇ କୁସୁମାକୁ ପୁଣି ବନ୍ଦ କରି ଦିଆଯାଇଥିଲା। ପୂର୍ବରୁ ଯାଜପୁର ସହରବାସୀ ତଥା ପର୍ଯ୍ୟଟକଙ୍କ ଆମୋଦ ବିନୋଦନ ପାଇଁ ସେଭଳି କୌଣସି ପାର୍କ କିମ୍ବା ପ୍ରାକୃତିକ ସୌନ୍ଦର୍ଯ୍ୟସ୍ଥଳୀ ନ ଥିଲା। କୁସୁମା ଭିତରେ ୭୦ ପ୍ରଜାତିର ଫୁଲ ଶୋଭା ପାଉଛି । କୁସୁମାରାଣୀ ମୂର୍ତ୍ତି ଅତି ଆକର୍ଷଣୀୟ ହୋଇଛି। ଏକ କୃତ୍ରିମ ଝରଣା, ପାର୍କ ଓ ନୀଳ ଜଳରାଶି ଲୋକଙ୍କୁ ମନ୍ତ୍ରମୁଗ୍ଧ କରିଛି । ଏହାର ସୁରକ୍ଷା ପାଇଁ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ସକାଳ ୮ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ଏହା ଖୋଲା ରହୁଛି। ତେବେ ବୋଟିଂ ବ୍ୟବସ୍ଥା ହେଉ ନ ଥିବା କାରଣ ସମ୍ପର୍କରେ ବୁଝିବାରୁ ସେଠାକାର କର୍ମକର୍ତ୍ତା କହିଥିଲେ, ମୋଟର ଚାଳିତ ବୋଟ ଆସିବା ପରେ ବୋଟିଂ ବ୍ୟବସ୍ଥା ଆରମ୍ଭ କରାଯିବ। କେବେ ମୋଟର ଚାଳିତ ବୋଟ ଆସିବ ଏବଂ ପର୍ଯ୍ୟଟକ ତାହାର ଆନନ୍ଦ ଉଠାଇବେ ତାହା ସମସ୍ତଙ୍କ ପାଇଁ ଅପେକ୍ଷାର ବିଷୟ ହୋଇଛି ।

### କନିଷ୍ଠ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ

**ଦଶରଥପୁର,୭।୭(ଡିଏନ୍ଏ)**

ଦଶରଥପୁର ବ୍ଲକ କନିଷ୍ଠ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଛଟିଶା–ବାଳଦା ନୋଡ଼ାଲ ସ୍କୁଲ ପ୍ରାଙ୍ଗଣରେ ଶିକ୍ଷକ ସଂଘର ସମ୍ପାଦକ ବିକାଶ କୁମାର ମଲ୍ଲିକଙ୍କ ଆବାହକତ୍ୱରେ ଏକ ନୂତନ କର୍ମକର୍ତ୍ତା ଚୟନ ନିମନ୍ତେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଶିକ୍ଷକ ଅଶୋକ କୁମାର ସାହୁ ସଭାପତିତ୍ୱ କରିଥିଲେ। ବୈଠକରେ ଚଳିତ ବର୍ଷ ପାଇଁ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ସର୍ବସମ୍ମତିକ୍ରମେ ଚୟନ ହୋଇଥିବାବେଳେ ସଭାପତିଭାବେ ନରେନ୍ଦ୍ର ଜ୍ୟୋତିଶଙ୍କର ମହାପାତ୍ର, ସାଧାରଣ ସମ୍ପାଦକ ବିଭୂତି ଭୂଷଣ ରଣା, କୋଷାଧ୍ୟକ୍ଷ ସ୍ୱରାଜ ତ୍ରିପାଠୀ, ଉପସଭାପତି ପ୍ରିୟରଞ୍ଜନ ଦାସ, ସହସମ୍ପାଦକଭାବେ ଦେବଦତ୍ତ ମିଶ୍ରଙ୍କ ନାମ ଚୟନ କରାଯାଇଥିଲା । ତେବେ ଶିକ୍ଷକ ସଂଘର ଉପଦେଷ୍ଟାଭାବେ ଶିକ୍ଷକ ପ୍ରବୀର କୁମାର ନାୟକ, ସୁଧାଂଶୁ ଶେଖର ସେଠୀ, ସୁବ୍ରତ ଦାସଙ୍କୁ ଚୟନ କରାଯାଇଥିବାବେଳେ ବୈଠକ ଶେଷ ହେବାପରେ ସଭାପତିତ୍ୱ କରୁଥିବା ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ■ପରିବହନ ଠିକାଦାରଙ୍କ ମନମୁଖି କାର୍ଯ୍ୟ

# ପ୍ରତିବାଦ କଲା ଟ୍ରକ୍ ମାଲିକ ସଂଘ

**ଚଣ୍ଡିଖୋଲ,୭।୭(ଡି.ଏନ୍.ଏ.)**



ବୈଠକରେ ଉପସ୍ଥିତ ଟ୍ରକ ମାଲିକ ସଂଘ କର୍ମକର୍ତ୍ତା।

ଯାଜପୁର ଜିଲାର ସୁକିନ୍ଦା କ୍ରୋମାଇଟ ଖଣି ମାଲିକ ଓ ପରିବହନ ଠିକାଦାରଙ୍କ ମନମୁଖି କାର୍ଯ୍ୟ ପାଇଁ ଟ୍ରକ୍ ମାଲିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଚଣ୍ଡିଖୋଲସ୍ଥିତ ଚଣ୍ଡି ମନ୍ଦିର ପରିସରରେ ରବିବାର ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ ଓ ଯାଜପୁରରୋଡ ଟ୍ରକ୍ ମାଲିକ ସଂଘ ମିଳିତ ଆନୁକୂଲ୍ୟରେ ରବିବାର ଏକ ବୈଠକ ବସି ଏହାର ପ୍ରତିବାଦ କରାଯାଇଛି। ଏହି ବୈଠକରେ ଯାଜପୁରରୋଡ଼ ଟ୍ରକ ମାଲିକ ସଂଘ ସମ୍ପାଦକ ବ୍ରଜକିଶୋର ରାଉତ ସଭାପତିତ୍ୱ କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନକୁ କ୍ରୋମ ପରିବହନ କରୁଥିବା ଟ୍ରକ୍ ପାଇଁ ସଂଘ ଦ୍ୱାରା ସ୍ଥିରିକୃତ ହୋଇଥିବା ଭଡ଼ାଠାରୁ କମ ଭଡ଼ା ପ୍ରଦାନ, ଚାଳକଙ୍କ ଦ୍ୱାରା ଚୋରି ହେଉଥିବା କ୍ରୋମାଇଟର ମୂଲ୍ୟ ଟ୍ରକ ମାଲିକଙ୍କଠାରୁ ଆଦାୟ କରିବା ଆଦିକୁ ତୀବ୍ର ବିରୋଧ କରାଯାଇଥିଲା। ଗତ ମାର୍ଚ୍ଚ ୬ରେ ଧବଳଗିରିଠାରେ ଚଣ୍ଡିଖୋଲ, ସୁକିନ୍ଦା, ଯାଜପୁରରୋଡ଼ ଟ୍ରକ ମାଲିକ ସଂଘର ମିଳିତ ବୈଠକର ନିଷ୍ପତ୍ତିକୁ ଖଣି ମାଲିକ ଓ ଠିକାଦାର କାର୍ଯ୍ୟକାରୀ କରୁ ନ ଥିବାବେଳେ ରାଜ୍ୟ ବାହାରକୁ ଯାଉଥିବା ୧୦ ଚକିଆ ଓ ତା'ଠାରୁ ବଡ଼ବଡ଼ ଟ୍ରକରେ କ୍ରୋମ ପରିବହନ କ୍ଷେତ୍ରରେ ଦୁଇ ଟ୍ରକ ମାଲିକ ସଂଘର କୋଟା ବୃଦ୍ଧି କରିବା ଏବଂ କ୍ରୋମ ପରିବହନରେ ସ୍ୱଚ୍ଛତା ଆଣିବା ଆଦି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଆସନ୍ତା ୭ ଦିନ ଭିତରେ ସମସ୍ୟା ସମାଧାନ ନ ହେଲେ ମିଳିତ ଟ୍ରକ ମାଲିକ ସଂଘ ତରଫରୁ ବିଭାଗୀୟ ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟାଳୟରେ ପୁନର୍ବାର ପ୍ରତିବାଦ କରାଯିବ। ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ସଭାପତି ସନ୍ତୋଷ କୁମାର ରାଉତ, ଉପସଭାପତି ଅଟଳ ଜେନା, ସମ୍ପାଦକ ପୁଷ୍ପରାଜ ନାୟକ, ଯାଜପୁରରୋଡ଼ ଟ୍ରକ ମାଲିକ ସଂଘ ସଭାପତି କିଶୋର କୁମାର ରାଉତ, ପୂର୍ବତନ ସଭାପତି ହୃଦାନନ୍ଦ ସାମଲ, ପ୍ରମୋଦ ନାୟକ, ରାଜ୍ୟ ଟ୍ରକ ମହାସଂଘ ଯୁଗ୍ମ ସମ୍ପାଦକ ବିଭୂତି ଭୂଷଣ ଜେନା, ପ୍ରଶାନ୍ତ କୁମାର ଜେନା, ପବିତ୍ର ରଞ୍ଜନ ମହାନ୍ତି, ଦେବରଞ୍ଜନ ସ୍ୱାଇଁ, ଲକ୍ଷ୍ମୀଧର ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।

### କେନ୍ଦ୍ରାପଡ଼ାକୁ ଚାଲିଲା ଟ୍ରେନ୍ ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କୁ କୃତଜ୍ଞତା

**ବରୀ,୭।୭(ସ୍ୱ.ପ୍ର.)**

ଦୈତାରୀରୁ ପାରାଦୀପ ରେଳଲାଇନ୍ ହେବା ସହ କେନ୍ଦ୍ରାପଡ଼ା ଦେଇ ପାରାଦୀପକୁ ଟ୍ରେନ୍ ଗଡ଼ିବାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କର ମୁଖ୍ୟ ଭୂମିକା ରହିଛି। ୧୯୯୬ରେ ଶ୍ରୀକାନ୍ତ କେନ୍ଦ୍ରାପଡ଼ାରୁ ଏମ୍‌ପି ଭାବେ ନିର୍ବାଚିତ ହୋଇ କେନ୍ଦ୍ରରେ ସଂସଦୀୟ ବ୍ୟାପାର ଓ ପର୍ଯ୍ୟଟନ ମନ୍ତ୍ରୀ ଭାବେ ଦାୟିତ୍ୱରେ ରହିଥିଲେ। ଦୈତାରୀରୁ ପାରାଦୀପ ଭାୟା କେନ୍ଦ୍ରାପଡ଼ା ଦେଇ ଟ୍ରେନ୍ ଚଳାଚଳ ପାଇଁ ପ୍ରସ୍ତାବ ଦେଇଥିଲେ। ରାଜ୍ୟ ସରକାରଙ୍କ ଖାମଖିଆଲି ମନୋଭାବ ଯୋଗୁ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଲା। ଏବେ ଉକ୍ତ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବାରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜେନାଙ୍କୁ ସ୍ୱେଚ୍ଛାସେବୀ ସଂଗଠନ ଜୀବନଧାରା ସଭାପତି ସନତ କୁମାର ଜେନା, ମନିନ୍ଦର ସାମଲ, ଦେବେନ୍ଦ୍ର ସାମଲ, ଚିନ୍ମୟ ପ୍ରସାଦ ବେହୁରା, ନୀଳମଣି ସାମଲ, ବିଷ୍ଣୁଚରଣ ମହାନ୍ତି ପ୍ରମୁଖ ରବିବାର କୃତଜ୍ଞତା ଜଣାଇଛନ୍ତି।

### ଭିଏନ୍ ସ୍ୱୟଂଶାସିତ କଲେଜର ୫୩ତମ ପ୍ରତିଷ୍ଠା ଦିବସ

**ଯାଜପୁରରୋଡ଼,୭।୭(ନି.ପ୍ର.)**

ବ୍ୟାସନଗର (ଭିଏନ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ୫୩ତମ ପ୍ରତିଷ୍ଠା ଦିବସ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସେକ୍ ଆବୁତାହେର ଅଧ୍ୟକ୍ଷତା କରିଥିଲେ। କୋରେଇ ବିଧାୟକ ଅଶୋକ ବଳ ମୁଖ୍ୟ ଅତିଥି, ରେଭେନ୍ସା ବିଶ୍ୱବିଦ୍ୟାଳୟର ବାଣିଜ୍ୟ ଓ ପରିଚାଳନା ବିଭାଗ ମୁଖ୍ୟ ପ୍ରଫେସର ସଞ୍ଜୟ କୁମାର ଶତପଥୀ ମୁଖ୍ୟବକ୍ତା ଓ ପୂର୍ବତନ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ସତ୍ୟକାମ ମିଶ୍ର, ପୂର୍ବତନ ଅତିରିକ୍ତ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ଅମିୟ କୁମାର ମହାନ୍ତି ଓ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ, ଭୁବନେଶ୍ୱର ପ୍ରଫେସର ମିହିର ରଞ୍ଜନ ସେଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସୁଧାଂଶୁ ଶେଖର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଅଧ୍ୟକ୍ଷ ଅତିଥିଙ୍କୁ ସ୍ୱାଗତ କରିଥିଲେ। ପରେ ମହାବିଦ୍ୟାଳୟର ଅତୀତ ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ବଳ ବ୍ୟାସନଗର ମହାବିଦ୍ୟାଳୟକୁ ଏକ ଅଗ୍ରଣୀ ଓ ଆଦର୍ଶ ଶିକ୍ଷାନୁଷ୍ଠାନଭାବେ ଗଢିତୋଳିବାକୁ ଆହ୍ୱାନ ଦେଇଥିଲେ। ଶିକ୍ଷକ ସଂଘ ସମ୍ପାଦକ କୁଶଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକ ବଳ ଅଧ୍ୟାପକ ଓ କର୍ମଚାରୀଙ୍କ ସହ ଆଲୋଚନା କରି ସମାଧାନ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସ୍ୱତନ୍ତ୍ର ଅତିଥିଭାବେ ପ୍ରଫେସର ପଦ୍ମନାଭ ମଲ୍ଲଙ୍କୁ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ନିହାର ରଞ୍ଜନ ଜେନା, ମନୋରଞ୍ଜନ ନାୟକ, ସୁରଞ୍ଜନ ପଣ୍ଡା, ଶ୍ରୀକାନ୍ତ ସାମଲ, ସ୍ୱର୍ଣ୍ଣଲତା ତ୍ରିପାଠୀ, ଦୁଷ୍ମନ୍ତ ନାୟକ, ପ୍ରହଲ୍ଲାଦ ନାୟକ, ରବିନାରାୟଣ ପଣ୍ଡା, ଶ୍ରୀଧର ସାହୁ, ସଦାନନ୍ଦ ଜେନାମଣି, ବାବାଜି ଚରଣ ସାହୁ, ପ୍ରଫୁଲ୍ଲ ନାୟକ, ବିବେକାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ କଲେଜର ସର୍ବାଙ୍ଗୀନ ଉନ୍ନତି ପାଇଁ ମୂଲ୍ୟବାନ ପ୍ରସ୍ତାବ ରଖିଥିଲେ। କୁଶଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କଲେଜ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥି।

### ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ: ବିସିଏ, ବିବିଏ ଖୋଲିବାକୁ ଦାବି

**ବରୀ,୭।୭(ସ୍ୱ.ପ୍ର.)**

ଯାଜପୁର ଜିଲା ବରୀ ବ୍ଲକ ଅଧୀନ ସର୍ବପୁରାତନ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟରେ ବିସିଏ (ବ୍ୟାଚେଲର ଅଫ୍ କମ୍ପ୍ୟୁଟର ଆପ୍ଲିକେଶନ୍) ଓ ବିବିଏ (ବ୍ୟାଚେଲର ଅଫ୍ ବିଜିନେସ୍ ଆଡମିନିଷ୍ଟ୍ରେଶନ୍) ବିଭାଗ ଖୋଲିବାକୁ ଅଭିଭାବକ ଓ ଛାତ୍ରୀଛାତ୍ର ପକ୍ଷରୁ ଦାବି କରାଯାଇଛି। ଏହି ବିଭାଗ ଖୋଲିଲେ ବରୀ ଅଞ୍ଚଳର ମେଧାବୀ ଛାତ୍ରୀଛାତ୍ର ଏସବୁ ଶିକ୍ଷା ପାଇବାର ସୁଯୋଗ ପାଇବେ ବୋଲି କୁହାଯାଇଛି। ଏ ନେଇ ସ୍ଥାନୀୟ ବିଧାୟିକା ସୁନନ୍ଦା ଦାସଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବା ସହ ଉଚ୍ଚଶିକ୍ଷା ବିଭାଗ ସଚିବଙ୍କ ନିକଟରେ ଦାବି କରାଯାଇଥିବା ଜଣାପଡ଼ିଛି। ଏହି ମହାବିଦ୍ୟାଳୟରେ ୨୬୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ୧୨ ଅଧ୍ୟାପିକା, ଅଧ୍ୟାପକ ପଦବୀ ଖାଲିପଡ଼ିଛି। ଦୂରଦୂରାନ୍ତରୁ ଆସୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଆଉ ଏକ ସାଇକେଲ୍ ଷ୍ଟାଣ୍ଡର ଆବଶ୍ୟକତା ରହିଛି।ଏସବୁ ଦାବିକୁ ପୂରଣ କରିବା ପାଇଁ ବିଧାୟିକା ଦାସ ତୁରନ୍ତ ପଦକ୍ଷେପ ନେବେ ବୋଲି ସୂଚନା ଦେଇଛନ୍ତି। ଅଧ୍ୟକ୍ଷ ମୀନକେତନ ସାମଲ କୁହନ୍ତି, ମହାବିଦ୍ୟାଳୟର ଏହି କେତୋଟି ସମସ୍ୟା ସମାଧାନ ହେଲେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଆହୁରି ଉନ୍ନତି ହୋଇପାରିବ।

### ଦଶରଥପୁର ହାଇସ୍କୁଲରେ ବନମହୋତ୍ସବ ଉଦ୍‌ଯାପିତ

**ଦଶରଥପୁର,୭।୭(ଡିଏନ୍ଏ)**

ଦଶରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଗତ ୧ରୁ ପାଳନ ହୋଇଆସୁଥିବା ବନ ମହୋତ୍ସବ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଦିବସ ପାଳନ ଅବସରରେ ସମ୍ପୃକ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକ ଓ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଦ୍ୟାଳୟ ପରିସର, ସ୍ଥାନୀୟ ଅଞ୍ଚଳରେ ଚାରାରୋପଣ ଓ ଏହାର ଯତ୍ନ ସମ୍ବନ୍ଧରେ ସଚେତନତା ସୃଷ୍ଟି କରାଯାଇଥିଲା। ରବିବାର ଉଦ୍‌ଯାପନୀ ଦିବସ ଅବସରରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶଶିକାନ୍ତ ଦାଶଙ୍କ ସଭାପତିତ୍ୱରେ ଏକ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ଅଦ୍ୱୈତ ପ୍ରସାଦ ଦାସ, ଅତିଥିରୂପେ ଶିକ୍ଷକ ସତ୍ୟବ୍ରତ ପାଣି, ନୀଳମଣି ପାଣି, ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁ, ସରୋଜିନୀ ରାଉତ ଓ ପି.ଆର. ପ୍ରୟାସୀ ଯୋଗ ଦେଇଥିବାବେଳେ ଇକୋ କ୍ଲବ ତତ୍ତ୍ୱାବଧାରକ ଶିକ୍ଷକ ଅକ୍ଷୟ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା, ପ୍ରବନ୍ଧ ଓ ସଙ୍ଗୀତ ପ୍ରତିଯୋଗିତାର ସଫଳ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଛାତ୍ରୀ ସ୍ୱପ୍ନାରାଣୀ ବେହେରା, ଅର୍ପିତା ମଲ୍ଲିକ, ଲିପ୍ସିତା ଦାଶ, ବିଜୟ କୁମାର ରାଉତ, ଆରୋହଣ ଦାସ, ପୁଷ୍ପିତା ପ୍ରୀତିପ୍ରଜ୍ଞା ରାଉତ, ଆଦ୍ୟାଶା ପ୍ରିୟଦର୍ଶିନୀ ସାହୁ ଓ ଶିକ୍ଷାକର୍ମୀ ପଞ୍ଚାନନ ଯେନା ସହାୟତା କରିଥିଲେ। ବିଦ୍ୟାଳୟର ଏନ୍‌ସିସି, ଜେଆରସି, ଇକୋ କ୍ଲବ ଓ ସାଇନ୍ସ କ୍ଲବର ସଭ୍ୟାସଭ୍ୟ କାର୍ଯ୍ୟକ୍ରମକୁ ସଫଳ କରିବାରେ ସାହାଯ୍ୟ କରିଥିଲେ। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଜୁଲାଇ ମାସ ସାରା ବିଦ୍ୟାଳୟ ପରିସର ଓ ସ୍ଥାନୀୟ ଗ୍ରାମରେ କରାଯିବ ବୋଲି ଶିକ୍ଷକ ଅକ୍ଷୟ କୁମାର ପଣ୍ଡା ପ୍ରକାଶ କରିଛନ୍ତି।

# ରାସ୍ତାର ଉନ୍ନତି, ପ୍ରଶସ୍ତୀକରଣ ଆଳରେ ଅର୍ଥ ହରିଲୁଟ

**ଦଶରଥପୁର,୭।୭(ଡିଏନ୍ଏ)**

**ପାଳଦା-ପଞ୍ଚାରାସାହି ରାସ୍ତା**



■୫.୩ କି.ମି. ରାସ୍ତାକୁ ୮.୩ କି.ମି. ଏଷ୍ଟିମେଟ୍‌ରେ ଦର୍ଶାଇଛି ପୂର୍ତ୍ତବିଭାଗ

■୩ ବର୍ଷରେ ୮କୋଟି ୬୬ଲକ୍ଷ ୧୯ହଜାର ଟଙ୍କା ହୋଇଛି ବ୍ୟୟ ବରାଦ

■ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ନିମ୍ନମାନର କରାଯାଉଥିବା ଅଭିଯୋଗ

ଗୋଟିଏ ରାସ୍ତାକୁ ଉନ୍ନତୀକରଣ କରିବା ନାମରେ ଗତ ୩ବର୍ଷ ମଧ୍ୟରେ କୋଟି କୋଟି ଟଙ୍କା ଲୁଟ୍ କରାଯାଇଛି। ଏ ନେଇ ସମ୍ପୃକ୍ତ ଅଞ୍ଚଳର ଲୋକେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଏହି ଦୁର୍ନୀତି ସମ୍ପର୍କରେ ଜିଲାପାଳ, ବିଭାଗୀୟ ମନ୍ତ୍ରୀ ଏବଂ ସଚିବଙ୍କୁ ଲିଖିତଭାବେ ଅଭିଯୋଗ କରିଥିବା ଜଣାଯାଇଛି। ତେବେ ରାଜ୍ୟ ସରକାରଙ୍କ ୨ଟି ପ୍ରମୁଖ ନିର୍ମାଣକାରୀ ବିଭାଗରେ ଏପରି ଦୁର୍ନୀତି ହୋଇଥିବା ଜଣାଯାଇଛି। ସୂଚନା ଯେ, ଦଶରଥପୁର ବ୍ଲକ ଅଧୀନରେ ଥିବା ପାଳଦା–ପଞ୍ଚାରାସାହି ରାସ୍ତାଟି ପ୍ରଥମେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିଲା। ମାତ୍ର ବର୍ତ୍ତମାନ ତାହା ପୂର୍ତ୍ତବିଭାଗ ଅଧୀନକୁ ଚାଲିଯାଇଛି। ଏହି ରାସ୍ତାର ଉନ୍ନତି ଓ ପ୍ରଶସ୍ତୀକରଣ କରାଯିବା ଆଳରେ କୋଟିକୋଟି ଟଙ୍କା ହଡ଼ପ କରାଯିବାକୁ ମସୁଧା କରାଯାଇଛି। ପୂର୍ବରୁ ଏହି ରାସ୍ତା ଯାଜପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିଲା। ୨୦୧୬–୧୭ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଏହି ରାସ୍ତାକୁ ସାମିଲ କରାଯାଇ ଉନ୍ନତୀକରଣ ପାଇଁ ଦେଢ଼କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଥିଲା। ଏହାପରେ ପୁଣି ୨୦୧୭–୧୮ ଆର୍ଥିକ ବର୍ଷରେ ସେହି ରାସ୍ତା ଉପରେ ଉନ୍ନତୀକରଣ ପାଇଁ ୨କୋଟି ୭୫ଲକ୍ଷ ଟଙ୍କାର ଅନୁଦାନ ଦିଆଯାଇ କାର୍ଯ୍ୟ କରାଯାଇଥିଲା। ସେ ସମୟରେ ଯେନତେନ ପ୍ରକାରେ ଅତି ନିମ୍ନମାନର କାର୍ଯ୍ୟ କରାଯାଇ ଠିକାସଂସ୍ଥା ଓ ବିଭାଗୀୟ ଅଧିକାରୀ ମିଳିମିଶି ଅର୍ଥ ଚକୁ କରିଥିଲେ। ଏବେ ଗ୍ରାମ୍ୟ ଉନ୍ନୟନ ବିଭାଗ ଉକ୍ତ ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିଥିବାବେଳେ ବିଭାଗ ପକ୍ଷରୁ ଏହାର ଉନ୍ନତୀକରଣ ଓ ପ୍ରଶସ୍ତୀକରଣ ପାଇଁ ୨୦୧୮–୧୯ ଆର୍ଥିକ ବର୍ଷରେ ଷ୍ଟେଟ୍ ପ୍ଲାନ୍ ଅନୁଦାନରେ ୪କୋଟି ୪୧ଲକ୍ଷ ୧୯ହଜାର ଟଙ୍କାର ଅନୁଦାନ ଯୋଗାଇ ଦେଇଛି। ପାଣିକୋଇଲି ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ପକ୍ଷରୁ ଯାଜପୁର ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ରାସ୍ତାକୁ ଶୁଭଶ୍ରୀ ଶୁଭଦର୍ଶିନୀ କନଷ୍ଟ୍ରକ୍ସନ୍ ନାମକ ଠିକାସଂସ୍ଥା କାର୍ଯ୍ୟ କରୁଛି। ତେବେ କାମ ଏଷ୍ଟିମେଟ୍ ଅନୁଯାୟୀ ହେଉ ନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କ୍ରଶର ଗୁଣ୍ଡ ଓ ଚିପ୍ସ ମିଶାଯାଇ ରାସ୍ତାର ବେସ୍‌ରେ ୬ଇଞ୍ଚ ସ୍ଥଳେ ମାତ୍ର ୨ ଇଞ୍ଚର ପକା ଯାଉଥିବା ଦେଖାଯାଇଛି। ରାସ୍ତାଟି ୧୮ ଫୁଟ୍ ଚଉଡା ହେବାକୁ ଏଷ୍ଟିମେଟ୍‌ରେ ଉଲ୍ଲେଖ ଥିବାବେଳେ ଠିକାଦାର ତାହା କରୁ ନ ଥିବା ଦେଖିବାକୁ ମିଳିଛି। ଏଥିସହ ଉଭୟ ପାର୍ଶ୍ୱରେ ମାଟି ଓ ରାସ୍ତା ମଝି ବେସ୍‌ରେ କ୍ରସରଗୁଣ୍ଡ ପଡ଼ିବା ପରେ ଭାଇବ୍ରେଟର ଆଦୌ ମରାଯାଉ ନ ଥିବାବେଳେ ଭବିଷ୍ୟତରେ ରାସ୍ତାଟି ଦବିଯିବାର ସମ୍ଭାବନା ସୃଷ୍ଟି ହୋଇଛି। କିଛି ଜାଗାରେ ମଧ୍ୟ ପୁରୁଣା ପିଚୁ ରାସ୍ତାରୁ ଆଦୌ ତଡ଼ା ନ ଯାଇ ତାହା ଉପରେ କ୍ରଶରଗୁଣ୍ଡ ପକାଯାଇ ରାସ୍ତାକାମ ଚାଲିଛି। ଏଥିସହ ନିର୍ମାଣ କାର୍ଯ୍ୟରେ ଆହୁରି ଅନେକ ଚଞ୍ଚକତା କରାଯାଇଥିବା ନେଇ ଲୋକେ ଅଭିଯୋଗରେ ଦର୍ଶାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପୂର୍ବରୁ ଏହି ରାସ୍ତା ନିର୍ମାଣ ୫.୩ କି.ମି. ଦର୍ଶାଇଥିଲା। ମାତ୍ର ପୂର୍ତ୍ତବିଭାଗ ବର୍ତ୍ତମାନ ପରିପ୍ରେକ୍ଷୀରେ ସେହି ସମାନ ରାସ୍ତାକୁ ୮.୩ କି.ମି. ଏଷ୍ଟିମେଟ୍‌ରେ ଦର୍ଶାଇଛି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକେ ବିଭାଗୀୟ ଅଧିକାରୀ, ଠିକାଦାରଙ୍କ ସହ ମିଶି ୩ କି.ମି. ରାସ୍ତାର ଅର୍ଥ ହଡ଼ପ କରିନେବାକୁ ମସୁଧା କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଜେଇ ମହେଶ୍ୱର ସାହୁଙ୍କୁ ପଚାରିବାରେ, ଲୋକମାନେ ଅଭିଯୋଗ କରିଛନ୍ତି। ତେଣୁ ଏହା ଉପରେ ସେ କିଛି କହିପାରିବେ ନାହିଁ। ବିଭାଗୀୟ ଅଧିକାରୀ ଏହାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିବା ସେ କହିଛନ୍ତି।

## ସଂକ୍ଷେପରେ

### ଏପଟେ ବୃକ୍ଷ ରୋପଣ ସେପଟେ ଗଛ କଟା



**ନୂଆଗାଁ, ୭।୭ (ଡି.ଏନ.ଏ.):** ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପରିସରରେ ରବିବାର ୭୦ତମ ବନ ମହୋତ୍ସବ ପାଳନ ଅବସରରେ ବୃକ୍ଷ ରୋପଣ ଚାଲିଥିବାବେଳେ ସେପଟେ କୋଷାକଟା ଜଙ୍ଗଲରୁ ଗଛ କଟା ହେଉଥିବା ଦେଖିବାକୁ ମିଳିଥିଲା । ଜଙ୍ଗଲ ଲୋପ ପାଇବାକୁ ବସିଥିବା ଅନୁଭବ କରି ସରକାର ବନ ବିଭାଗ ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରିବା ସହ ବିଭିନ୍ନ ଅନୁଷ୍ଠାନର କର୍ମଚାରୀ, ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଉଛି । ଜୁଲାଇ ପହିଲାରୁ ସାତଦିନ ଧରି ବନ ମହୋତ୍ସବ ପାଳନ କରାଯାଇ ବହୁ ପରିମାଣରେ ବୃକ୍ଷ ରୋପଣ କରାଯାଇଛି। ଉଦ୍‌ଯାପନୀ ଦିବସ ଅବସରରେ ବ୍ଲକ ପରିସରରେ ବ୍ଲକ ଅଧ୍ୟକ୍ଷ ଅନ୍ତର୍ଯାମୀ ସ୍ୱାଇଁ, ବିଡିଓ ଶିରିୟାଲ ଶୁଭ୍ର ପଟେଲ, ବ୍ଲକ କର୍ମଚାରୀ, ସରପଞ୍ଚ, ବନ କର୍ମଚାରୀ, ବନ ସଂରକ୍ଷଣ ସମିତି ସଭ୍ୟଙ୍କ ଉପସ୍ଥିତିରେ ବୃକ୍ଷରୋପଣ କରାଯାଇଥିଲା। ଏପରି ସମୟରେ ମହୀପୁର ସେକ୍ସନ କାଣିଗିରି ବିଟ୍ ଅଧୀନରେ ଥିବା ହାତୀମୁଣ୍ଡା ଜଙ୍ଗଲରୁ ଲୋକେ ଶାଳ ଗଛ କାଟୁଥିବା ଦେଖାଯାଇଥିଲା। ବନ ବିଭାଗ କର୍ମଚାରୀ କେବଳ ମହୋତ୍ସବ ପାଳନ ପାଇଁ ବାଧ୍ୟ ହୋଇ କିଛି ଗଛ ଲଗାଉଥିବାବେଳେ ଜଙ୍ଗଲ ସୁରକ୍ଷା ପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି । ଜଙ୍ଗଲ ସୁରକ୍ଷା ପ୍ରତି ସମ୍ପୂର୍ଣ୍ଣ ଦୃଷ୍ଟି ଦେବା ପାଇଁ କହିଛନ୍ତି ମହିପୁର ରେଞ୍ଜର ସୁଧାଂଶୁ ଶେଖର ପଣ୍ଡା।

### ମରାମତି ହେଲା ତାଳଧ୍ୱଜ

**ପୁରୀ ଅଫିସ, ୭।୭:** ତିନିରଥ ଏବେ ଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ। ଚତୁର୍ଦ୍ଧାବିଗ୍ରହ ଆଡ଼ପ ମଣ୍ଡପ ବିଜେ କରିବା ପରେ ରଥ ଦକ୍ଷିଣ ମୋଡ଼ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆସନ୍ତା ମଙ୍ଗଳବାର ତିନିରଥ ଦକ୍ଷିଣମୋଡ଼ କରାଯିବ। ପ୍ରଥମେ ସୁଭଦ୍ରାଙ୍କ ରଥ ଏବଂ ଏହାପରେ ଅନ୍ୟ ଦୁଇରଥ ଦକ୍ଷିଣ ମୋଡ଼ କରାଯାଇ ନକଚଣା ଦ୍ୱାର ସମ୍ମୁଖ ଶରଧାବାଲିରେ ରଖାଯିବ। ବାହୁଡ଼ାରେ ଚତୁର୍ଦ୍ଧାବିଗ୍ରହ ଶ୍ରୀମନ୍ଦିର ଅଭିମୁଖେ ଫେରିବେ। ଏହା ପୂର୍ବରୁ ରବିବାର ତିନି ରଥର ଆବଶ୍ୟକ ମରାମତି କରାଯାଇଛି। ତାଳଧ୍ୱଜ ରଥର ଏକ ଚକ ପଇରେ ବଡ଼ ଫାଟ ସୃଷ୍ଟି ହୋଇଥିଲା। ଏଥିରେ ପ୍ଲେଟ ବସାଯିବା ସହ ଲୁହାର ଯୁ କ୍ଲାମ୍ପ ଦିଆଯାଇଛି। ଅନ୍ୟ ଦୁଇ ରଥରେ ସେମିତି କିଛି ମରାମତି ହୋଇନାହିଁ। ଦକ୍ଷିଣମୋଡ଼ ହେବା ପରେ ଯଦି କିଛି ସମସ୍ୟା ଜଣାପଡ଼େ ତେବେ ମରାମତି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ମରାମତି ସମୟରେ ଶ୍ରୀମନ୍ଦିର ମୁଖ୍ୟ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ରଥର ପ୍ରମୁଖ ମହାରଣା ସେବକ, ଭୋଇ ସର୍ଦ୍ଦାର ରବି ଭୋଇଙ୍କ ସମେତ ମହାରଣା ଓ କମାର ସେବକମାନେ ଉପସ୍ଥିତ ଥିଲେ।

# ସମସ୍ୟା ଘେରରେ କଣ୍ଟିଲୋ ମହାବିଦ୍ୟାଳୟ

**ଖଣ୍ଡପଡ଼ା, ୭।୭(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ପରିସରରେ ଶନିବାର ବ୍ଲକସ୍ତରୀୟ ବନ ମହୋତ୍ସବ ପାଳିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ କଲେଜର ବିଭିନ୍ନ ସମସ୍ୟା ପ୍ରତି କର୍ତ୍ତୃପକ୍ଷ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସୂଚନାଯୋଗ୍ୟ, କଲେଜଟି ଦୀର୍ଘ ୨୪ ହେଲା ପ୍ରତିଷ୍ଠା ହୋଇଥିବାବେଳେ ବର୍ଷ ବର୍ଷ ଧରି ଅନେକ ଆବଶ୍ୟକତା ପୂରଣ ହୋଇପାରି ନ ଥିବା ଓ ସମସ୍ୟା ଘେରରେ ରହିଥିବା ଅଭିଯୋଗ ହୋଇଆସୁଛି। ତେବେ ବିଧାୟକ ଏହାର ସମାଧାନ ନିମନ୍ତେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ସହ ଆସନ୍ତା ସେପ୍ଟେମ୍ବର



ବିଧାୟକ ମହାବିଦ୍ୟାଳୟ ପରିସର ବୁଲି ଦେଖୁଛନ୍ତି।

**ପାଚେରି ନିର୍ମାଣ ଓ ପାନୀୟ ଜଳ ବ୍ୟବସ୍ଥା ନେଇ ବିଧାୟକଙ୍କ ପ୍ରତିଶ୍ରୁତି**

ମାସ ସୁଦ୍ଧା ବିଶେଷତଃ ପାନୀୟ ଜଳ ଯୋଗାଣ ଓ ସୁରକ୍ଷା ପାଚେରି ନିର୍ମାଣ କରାଯିବ ବୋଲି ପଟ୍ଟନାୟକ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି। ସେ କହିଛନ୍ତି, ଏହି ଦୁଇଟି କାର୍ଯ୍ୟ ଯଦି ଚଳିତ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ସମ୍ପନ୍ନ ନ କରିବେ ତେବେ ସେ ଆଉ କଲେଜ ଆସିବେ ନାହିଁ । ସୂଚନାଯୋଗ୍ୟ, କଲେଜର କେବଳ ସମ୍ମୁଖ ପାଚେରି ନିର୍ମାଣ ହୋଇଥିବାବେଳେ ଅନ୍ୟ ୩ ଦିଗର ପାଚେରି ନିର୍ମାଣ ହୋଇପାରିନି। ପାଚେରି ନ ଥାଇ ୩ ପାର୍ଶ୍ୱରେ ଧାନ ଜମି ଥିବାରୁ ଅଣଛାତ୍ରମାନେ କଲେଜ ପରିସରକୁ ପ୍ରବେଶ କରିବାର ଆଶଙ୍କା ରହିଛି। ଅପରପକ୍ଷେ ମହାନଦୀ କୂଳରେ ମହାବିଦ୍ୟାଳୟଟି ରହିଥିବାବେଳେ ଏଠାରେ ପାନୀୟ ଜଳର ଘୋର ସମସ୍ୟା ଦେଖାଦେଇଛି। ଯଦିଓ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ କଣ୍ଟିଲୋ ଅଞ୍ଚଳକୁ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି ତେବେ କଲେଜ ପରିସରକୁ ଏହି ସୁବିଧା ଉପଲବ୍ଧ ହୋଇପାରିନି । ଏ ନେଇ ପ୍ରଶାସନକୁ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କୌଣସି ପଦକ୍ଷେପ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଥିଲା। ତେବେ ବିଧାୟକ ପଟ୍ଟନାୟକଙ୍କ ଦୃଢ଼ ପ୍ରତିଶ୍ରୁତି ପରେ କଲେଜରେ ଖୁସି ପ୍ରକାଶ ପାଇଛି।



ଓଡ଼ଗାଁ ବ୍ଲକ କୁରାଳସ୍ଥିତ ଦଧିବାମନଜୀଉଙ୍କ ନୃସିଂହ ଅବତାର ବେଶ।

# ଶୋଚନୀୟ ଅବସ୍ଥାରେ ହାଟବସ୍ତ-ପାଟବନ୍ଧ ରାସ୍ତା

**ବୋଲଗଡ଼,୭।୭(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ହାଟବସ୍ତଠାରୁ ଖଲ୍ଲିକୋଟ ମଧ୍ୟ ଦେଇ ପାଟବନ୍ଧ ପର୍ଯ୍ୟନ୍ତ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାଟି ବର୍ତ୍ତମାନ ନିର୍ମାଣ ନ ହୋଇ ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି। ୧ ବର୍ଷ ପୂର୍ବରୁ ଟେଣ୍ଡର ମାଧ୍ୟମରେ ଏହି ରାସ୍ତାର ନିର୍ମାଣ ଆରମ୍ଭ କରାଯାଇଥିଲେ ମଧ୍ୟ କାମ ବନ୍ଦ ରହିଛି। ଏଥିଯୋଗୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ତେଣୁ ଉକ୍ତ ରାସ୍ତାଦେଇ ଯାଉଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାମ ଆରମ୍ଭ ସମୟରୁ କେବଳ ରାସ୍ତାର ଅଳ୍ପ କେତେକ ସ୍ଥାନରେ ମେଟାଲ୍ ଓ ମୋରମ ପକାଯିବା ପରେ ନିର୍ମାଣ ବନ୍ଦରହିଛି। ରାସ୍ତା ପାର୍ଶ୍ୱରେ ବର୍ତ୍ତମାନ କେବଳ ମେଟାଲ୍ ଗଦା ହୋଇରହିଛି। ମାତ୍ର ନିର୍ମାଣ କାର୍ଯ୍ୟ ହେଉନାହିଁ । ତେଣୁ ଉକ୍ତ ରାସ୍ତା କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯିବା ସହ ଶୀଘ୍ର ସାରିବାକୁ ମଧ୍ୟ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ସୂଚନାରୁ



ରାସ୍ତା ନିର୍ମାଣ ପାଇଁ ପଡ଼ିରହିଥିବା ମେଟାଲ ।

ପ୍ରକାଶ ଯେ, ନାବାର୍ଡ ସହାୟତାରେ ପ୍ରାୟ ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇ ଠିକ୍ ସମୟରେ କାର୍ଯ୍ୟ ଶେଷ କରିବାକୁ ଠିକାଦାରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ତେବେ ଇତି ମଧ୍ୟରେ ୧ ବର୍ଷ ବିତି ଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ହେଉନାହିଁ। ଏଥିଯୋଗୁ ଦିନକୁ ଦିନ ସମସ୍ୟା ବୃଦ୍ଧି ପାଉଥିବାରୁ ତୁରନ୍ତ କାର୍ଯ୍ୟ ସାରିବାକୁ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ନବବଧୂ ହତ୍ୟା ଘଟଣା
# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଆଗରେ ଧାରଣା

**କୃଷ୍ଣପ୍ରସାଦ,୭।୭(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଶିଆଳଗାଁରେ ଅଧିକ ଯୌତୁକ ଦାବି କରି ମାମାଲି ପଲେଇ ନାମକ ଜଣେ ନବବଧୂଙ୍କୁ ଶ୍ୱଶୁର ଘର ପରିବାର ତରଫରୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଚଳିତ ମାସ ୧ ତାରିଖରେ ଉକ୍ତ ଘଟଣା ଘଟିଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ମୋରଡ଼ା ନୂଆଗାଁ ଗ୍ରାମସ୍ଥିତ ମୃତକଙ୍କ ବାପଘର ପରିବାର ଓ ଗ୍ରାମବାସୀ ପକ୍ଷରୁ ଉତ୍ତେଜନା ସୃଷ୍ଟିହୋଇଛି। ତେଣୁ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ, ବିବାହ ସମୟରେ ଦିଆଯାଇଥିବା ସମସ୍ତ ଯୌତୁକ ଅର୍ଥ ଓ ସାମଗ୍ରୀ ଫେରସ୍ତ ଦାବି ନେଇ ରବିବାର ମୋରଡା ନୂଆଗାଁର ଶତାଧିକ ମହିଳା, ପୁରୁଷ ଥାନା ସମ୍ମୁଖରେ ଧାରଣାରେ ବସିଛନ୍ତି । ସୂଚନାଯୋଗ୍ୟ କି, ମାମାଲିଙ୍କ ଶାଶୁ, ଶ୍ୱଶୁର ଓ ସ୍ୱାମୀଙ୍କ ନାମରେ କୃଷ୍ଣପ୍ରସାଦ ଥାନାରେ ହତ୍ୟା ଅଭିଯୋଗ ହୋଇଥିଲା। ମୃତକଙ୍କ ଦାଦା ସଠିଆ ପ୍ରଧାନ ଏବଂ ମା’ ସରୋଜିନୀ କହିଛନ୍ତି, ଅଭିଯୁକ୍ତଙ୍କୁ ଗିରଫ ନ କରିବା ପର୍ଯ୍ୟନ୍ତ ଆମେ ଧାରଣାରୁ ଉଠିବୁ ନାହିଁ । ଏ ସମ୍ପର୍କରେ କୃଷ୍ଣପ୍ରସାଦ ଥାନା ସବ୍‌ଇନ୍‌ସପେକ୍ଟର ନାରାୟଣ ପ୍ରଧାନଙ୍କୁ ପଚାରିବାରୁ ବର୍ତ୍ତମାନ ପରିସ୍ଥିତିରେ ସେ କିଛି ଉତ୍ତର ଦେବାକୁ ଇଚ୍ଛା ପ୍ରକାଶ କରି ନ ଥିବା ଜଣାପଡ଼ିଛି।

# ବିଦ୍ୟୁତ୍ ବିଭାଗ ଅବହେଳା: ବାରମ୍ବାର ଘଟୁଛି ଦୁର୍ଘଟଣା

**ନୂଆଗାଁ,୭।୭ (ଡି.ଏନ.ଏ.)**

**ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି ଯୁବକ ଗୁରୁତର**

ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଅଞ୍ଚଳରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। କିଛିମାସ ପୂର୍ବରୁ ଏଭଳି ଏକ ଘଟଣା ଘଟିଥିବାବେଳେ ଦୁଇଦିନ ପୂର୍ବେ ସମାନ ଏକ ଘଟଣା ଘଟିଛି। ମାଇଛେଳି ପଞ୍ଚାୟତ କାଣିଗିରି ଗ୍ରାମରେ ଶୁକ୍ରବାର ଖୁଣ୍ଟରେ ଚଢି କାମ କରୁଥିବା ସମୟରେ ଜଣେ ଯୁବକ ବିଦ୍ୟୁତ୍ ଆଘାତରେ ଖସିପଡି ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ନୟାଗଡ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଯୁବକ ଜଣକ ହେଲେ ଜାକେଡା ପଞ୍ଚାୟତ କରଚୁଲି ଗ୍ରାମର ଅମିନ ଗୁରୁଙ୍କ ପୁଅ ଚିତ୍ରସେନ ଗୁରୁ (୨୨)। ମିଳିଥିବା ସୂଚନା ମୁତାବକ କାଣିଗିରି ଗ୍ରାମର ତ୍ରିଲୋଚନ ନାଥଙ୍କ ଘରର ଲାଇନ ଦୁଇଦିନ ହେଲା ଖରାପ ଥିଲା। ଏ ନେଇ ସେ ନୂଆଗାଁ ଫିଡ୍‌କୋ ଅଫିସରେ ଜଣାଇଥିଲେ। ଶୁକ୍ରବାର ଅପରାହ୍ନରେ କେତେଜଣ କର୍ମଚାରୀ ସଜାଡିବା ପାଇଁ ଯାଇଥିବା ବେଳେ ଚିତ୍ରସେନଙ୍କୁ ନିର୍ଦ୍ଦେଶ ଦେବାରୁ ସେ ବିଦ୍ୟୁତ୍ ଖୁଣ୍ଟରେ ଚଢିଥିଲେ। ସଜାଡୁଥିବା ସମୟରେ ହଠାତ୍ ବିଦ୍ୟୁତ୍ ଆଘାତରେ ସେ ଖସିପଡିଥିଲେ। ଏଥିରେ ତାଙ୍କ ହାତ ଓ ଛାତି ପୋଡି ଯାଇଥିଲାବେଳେ ମୁଣ୍ଡରେ ଆଘାତ ଲାଗିବା ସହ ବାମ ଆଖିରୁ ପ୍ରବଳ ରକ୍ତ ସ୍ରାବ ହୋଇଥିଲା। ଉପସ୍ଥିତ ଥିବା କର୍ମଚାରୀ ଓ ସ୍ଥାନୀୟ ଲୋକେ ତାଙ୍କୁ ଅଟୋ ସାହାଯ୍ୟରେ ନୟାଗଡ ନେଇଥିଲେ। ଏଠାରେ ସୂଚାଇ ଦିଆଯାଇ ପାରେ କି ୧୧ କେଭି ବିଦ୍ୟୁତ୍ ତାର ଯାଇଥିବା ଖୁଣ୍ଟରେ ଘରୋଇ ଲାଇନ ସଜାଡିବା ସମୟରେ ୧୧ କେଭିରୁ ବିଦ୍ୟୁତ୍ ଆଘାଇ ପାଇ ଯୁବକ ଗୁରୁତର ହୋଇଛ। ଏ ବିଷୟରେ ସେସୁ କନିଷ୍ଠ ଯନ୍ତ୍ରୀ ଶ୍ରୀନିବାସ ରାଓଙ୍କୁ ପଚାରିବାରୁ ଲାଇନ ସଜାଡିବା ପାଇଁ ଆମେ ଶଟ୍‌ଡାଉନ ଦେଇଥିଲୁ। କିଛି ସମୟ ପରେ ବିଦ୍ୟୁତ୍ ଚାର୍ଜ କରିବା କଥା ଜଣାଇବା ପରେ ବି ସେ ଲାଇନ କାମ କରୁଥିବାରୁ ଏପରି ଦୁର୍ଘଟଣା ଘଟିଲା ବୋଲି କହିଛନ୍ତି। କିନ୍ତୁ ସେସୁ ଏସଡିଓ ଘଟଣାକୁ ଅସ୍ୱୀକାର କରିବା ସହ ଏହା ସଜାଡିବା ଲୋକର ଅସାବଧାନତା ଯୋଗୁ ହୋଇଛି, ଆମେ ଦାୟୀ ନୁହଁ କହି ନିଜ ଉପରୁ ଦୋଷ ଛଡାଇ ଦେଇଛନ୍ତି। ଆହତ ଯୁବକ ବିଦ୍ୟୁତ୍ ବିଭାଗର କର୍ମଚାରୀ ହୋଇ ନ ଥିବାବେଳେ କାହା ନିର୍ଦ୍ଦେଶରେ କାମ କରୁଥିଲେ ତାହାକୁ ନେଇ ପ୍ରଶ୍ନ ଉଠୁଛି। ଘରୋଇ ଲାଇନର ଠିକା ସଂସ୍ଥାର ଫିଡ୍‌କୋ ଏସଡିଓ ସୁଜିତ ତ୍ରିପାଠୀ ଏ ବିଷୟରେ କିଛି ଜାଣି ନ ଥିବା କହିଛନ୍ତି। ଅନ୍ୟପକ୍ଷରେ ଆହତ ଯୁବକଙ୍କୁ ଜଣେ ଠିକାଦାର କାମ କରାଇବା ପାଇଁ ଆଣିଥିବା କହିଛନ୍ତି ପରିବାର ଲୋକେ। ସୂଚନାଯୋଗ୍ୟ ଗତ ମାର୍ଚ୍ଚ ୧୬ ତାରିଖରେ ଜାକେଡା ପଞ୍ଚାୟତ ବାଗିଆମା ଗ୍ରାମର ପବିତ୍ର ମୂଳୀ ଠିକାଦାରଙ୍କ ଉପସ୍ଥିତିରେ ଖୁଣ୍ଟରେ ଚଢି କାମ କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ଖସିପଡି ଗୁରୁତର ହୋଇଥିଲେ। ବର୍ତ୍ତମାନ ସେ ଅକର୍ମଣ୍ୟ ହୋଇ ଘରେ ବସିରହିଛନ୍ତି।

# ବରାଳୋଇ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

**ଭାପୁର,୭।୭(ଡି.ଏନ.ଏ.)**

ଭାପୁର ବ୍ଲକ ଖଇରଗାଡ଼ିଆ ଗ୍ରାମରେ ମା’ ବରାଳୋଇ ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ମା’ଙ୍କ ମନ୍ଦିର ସମ୍ମୁଖରୁ ବାହାରି ଗ୍ରାମ ପରିକ୍ରମା କରିଥିଲେ। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଭକ୍ତରଞ୍ଜନ ପଟ୍ଟନାୟକ, ବସନ୍ତ କୁମାର ପ୍ରଧାନ, ଶୁଭେନ୍ଦ୍ର କୁମାର ପଟ୍ଟନାୟକ, ଅନନ୍ତ ଚରଣ ପ୍ରଧାନ, କୃପାସିନ୍ଧୁ ଭୋଇ, ମାଗେନ୍ଦ୍ର ମହାରଣା, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଅଜୟ କୁମାର ପଟ୍ଟନାୟକ ପ୍ରମୁଖ ଶୋଭାଯାତ୍ରାକୁ ସଂଯୋଜନା କରିଥିଲେ। ମନ୍ଦିର ପରିସରରେ ସ୍ୱତନ୍ତ୍ର ପୂଜା ଓ ହୋମ ଅନୁଷ୍ଠିତ ହୋଇଥିଲା। ରଘୁନାଥ ନନ୍ଦ, କେଳୁଚରଣ ନନ୍ଦ, ଚନ୍ଦ୍ରକାନ୍ତ ଆଚାର୍ଯ୍ୟ, ପ୍ରଶାନ୍ତ ଷଡ଼ଙ୍ଗୀ, ପ୍ରଭାତ କୁମାର ଆଚାର୍ଯ୍ୟ ପୁରୋଧା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ।



କଳସ ଶୋଭାଯାତ୍ରାରେ ମହିଳାପୁରୁଷ।

# ଅସୁର କୁମାରୀ ପୀଠରେ ଚାରାରୋପଣ

**ରଣପୁର, ୭।୭(ସ୍ୱ.ପ୍ର.)**

ବନ ମହୋତ୍ସବ ସପ୍ତାହର ଶେଷ ଦିବସରେ ନୟାଗଡ ଜିଲା ରଣପୁର ବ୍ଲକ ଅନ୍ତର୍ଗତ ବଜ୍ରକୋଟ ପଞ୍ଚାୟତସ୍ଥ ମା’ ଅସୁର କୁମାରୀ ପୀଠରେ ଖୋର୍ଦ୍ଧା ବନଖଣ୍ଡ ପକ୍ଷରୁ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସୂଚନା ଅଧିକାର କର୍ମୀ ଦିଲୀପ କୁମାର ସାମନ୍ତରାୟଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରଣପୁର ବନ ବିଭାଗ ତରଫରୁ ପ୍ରାୟ ୧୦୦ ଆକାଶିଆ, ପଟାସିଆ, ଅଁଳା, ଜାମୁ, ଶାଗୁଆନ ଭଳି ବିଭିନ୍ନ ଚାରା ଯୋଗାଇ ଦିଆଯାଇଥିଲା। ସ୍ଥାନୀୟ ଏକ କୋଚିଂ ସେଣ୍ଟର ଓ ବଜ୍ରକୋଟ ଗ୍ରାମର ଛାତ୍ରୀଛାତ୍ର ଏବଂ କେତେଜଣ ଯୁବକ ଏହି କାର୍ଯ୍ୟରେ ସାମିଲ ହୋଇଥିଲେ। ଆଇନଜୀବୀ ରାଜୀବ ଲୋଚନ ପ୍ରଧାନ, ସୂଚନା ଅଧିକାରୀ କର୍ମୀ ଶାନ୍ତନୁ ସାହୁ, ସ୍ନେକ ହେଲ୍ପ ଲାଇନ ସଦସ୍ୟ ଅଜୟ କୁମାର ଦାସ, ଶିକ୍ଷକ ସୁଶୀଲ କୁମାର ରଣା, ଜୟେନ୍ଦ୍ର ବେହେରା, ଶିକ୍ଷକ ଅଜୟ କୁମାର ପ୍ରଧାନ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ଅବସରରେ ‘ବୃକ୍ଷ ହିଁ ଜୀବନ’ ଶୀର୍ଷକ ଆଲୋଚନା କରାଯାଇଥିଲା। ସମସ୍ତେ ଗୋଟିଏ ଲେଖାଏ ଗଛ ଲଗାଇ ତାହାର ଉପଯୁକ୍ତ ଯତ୍ନ ନେବେ ବୋଲି ଏଠାରେ ଶପଥ ନେଇଥିଲେ ।



ପିଲାମାନେ ଚାରାରୋପଣ କରୁଛନ୍ତି।

## ■ ଷଷ୍ଠ ଦିନରେ ପଲ୍ଲିଶ୍ରୀ ମେଳା
# ଛୁଟିଦିନ ଯୋଗୁ ଜମିଲା ଭିଡ଼

**ପୁରୀ ଅଫିସ, ୭।୭**

ଚତୁର୍ଦ୍ଧାବିଗ୍ରହ ଏବେ ଗୁଣ୍ଡିଚା ମନ୍ଦିରରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଆଡ଼ପମଣ୍ଡପରେ ଦାରୁବିଗ୍ରହଙ୍କୁ ଦର୍ଶନ କରିବା ଲାଗି ଶରଧାବାଲିରେ ଜମୁଛି ଶ୍ରଦ୍ଧାଳୁଙ୍କ ଭିଡ଼। ଠାକୁରଙ୍କ ଦର୍ଶନ ଏବଂ ଆଡ଼ପ ଅବଢା ପାଇବା ପରେ ପଲ୍ଲିଶ୍ରୀ ମେଳାକୁ ଛୁଟୁଛନ୍ତି ଭକ୍ତ । ଭୋଳାନାଥ ବିଦ୍ୟାପୀଠ ପରିସରରେ ଚାଲିଥିବା ଏହି ଜାତୀୟସ୍ତରୀୟ ମେଳା ରବିବାର ଷଷ୍ଠ ଦିନରେ ପହଞ୍ଚିଛି। ରବିବାର ଛୁଟିଦିନ ଯୋଗୁ ମେଳା ପଡ଼ିଆ ଲୋକାରଣ୍ୟ ହୋଇପଡ଼ିଥିଲା। ରାତି ପ୍ରାୟ ୧୦ଟା ପର୍ଯ୍ୟନ୍ତ ପ୍ରବଳ ଗହଳି ଲାଗିରହିଥିଲା। ଘରକରଣା ସାମଗ୍ରୀଠାରୁ ଆରମ୍ଭ କରି ଖାଦ୍ୟ ପସରା, ଖେଳଣା ଦୋକାନ ବସିଥିବାବେଳେ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାର ଦୋଳି ଲାଗିଛି। ଫଳରେ ଦେଖଣାହାରୀଙ୍କ ଭିଡ଼ ହେଉଛି।

### ଆକର୍ଷଣ ପାଲଟିଛି ଅଭଙ୍ଗା କଣ୍ଢେଇ

ପଲ୍ଲିଶ୍ରୀ ମେଳାରେ ବିକ୍ରି ହେଉଛି କାଗଜରେ ତିଆରି ବିଭିନ୍ନ ପ୍ରକାର ହସ୍ତକଳା ସାମଗ୍ରୀ। କେନ୍ଦୁଝର ଜିଲା ଆନନ୍ଦପୁରର ଫକିରପୁର ଗ୍ରାମର ଅଭଙ୍ଗା କଣ୍ଢେଇ ବେଶ୍ ଆକର୍ଷଣ ସାଜିଛି। ଏହାକୁ ଆଣି ଆସିଥିବା ଜ୍ୟୋତିପ୍ରକାଶ ସୂତାର କୁହନ୍ତି, ରବିବାର ମେଳାରେ ଅଧିକ ଭିଡ଼ ଯୋଗୁ ବେପାର ଭଲ ହୋଇଛି। ଏହି ହସ୍ତକଳା ତିଆରି ସମ୍ପର୍କରେ ସେ କୁହନ୍ତି, ପ୍ରଥମେ ପେପରକୁ ଗ୍ରାଇଣ୍ଡିଂ କରାଯାଇ ମଣ୍ଡ ପ୍ରସ୍ତୁତ ହୁଏ।ଏଥିରେ ତେନ୍ତୁଳି ମଞ୍ଜି ଅଠା, ଫେଭିକଲ ଅଠା, କିଛି ପରିମାଣର କେମିକାଲ ଏବଂ ଉଇ ନ ଲାଗିବା ପାଇଁ ତୁତିଆ ମିଶାଯାଏ । ପଲ୍ପ ଆକାର କରାଯାଇ ବିଭିନ୍ନ ପ୍ରକାର କଣ୍ଢେଇ ପ୍ରସ୍ତୁତ କରାଯାଏ। ଏଗୁଡ଼ିକ ପଡ଼ିଲେ ବି ଭାଙ୍ଗି ନ ଥାଏ । ତେଣୁ ଏହାକୁ ଅଭଙ୍ଗା କଣ୍ଢେଇ ବୋଲି କୁହାଯାଏ । କେବଳ କଣ୍ଢେଇ ନୁହେଁ, ପେନ୍ ଷ୍ଟାଣ୍ଡ, ବୁଦ୍ଧଙ୍କ ମୁଣ୍ଡ, ମାଛ, ଫୁଲଦାନି, କାନ୍ଥରେ ଟାଙ୍ଗିବା ପାଇଁ ହାତୀମୁଣ୍ଡ, ହରିଣ ମୁଣ୍ଡ, ପାନପତ୍ର ଉପରେ ଗଣେଶ, ସ୍ୱସ୍ତିକରେ ଗଣେଶ ଏବଂ ଜଗନ୍ନାଥଙ୍କ ଚିତ୍ର ପ୍ରଭୃତି ତିଆରି କରାଯାଏ। ଘର ସଜାଇବା ପାଇଁ ଲୋକେ ଏହାକୁ କିଣି ନେଇଥାନ୍ତି। ସେହିପରି ନୟାଗଡ଼ର କାଠ କଣ୍ଢେଇ ଷ୍ଟଲରେ ମଧ୍ୟ ଲୋକଙ୍କ ଭିଡ଼ ଲାଗୁଛି।





ପଲ୍ଲିଶ୍ରୀ ମେଳାରେ ସ୍ଥାନ ପାଇଥିବା ନୟାଗଡ଼ର କାଠ କଣ୍ଢେଇ।

### ଖାଦ୍ୟ ଷ୍ଟଲରେ ଗହଳି

ରବିବାର ଛୁଟିଦିନ ଥିବାରୁ ଅପରାହ୍ନ ପରଠୁ ଗହଳି ଅସମ୍ଭାଳ ହୋଇପଡ଼ିଥିଲା। ବିଶେଷ କରି ଖାଦ୍ୟ ଷ୍ଟଲ ସମ୍ମୁଖରେ ଅଧିକ ଭିଡ଼ ଜମିଥିଲା। ଅନ୍ୟ ରାଜ୍ୟର ଖାଦ୍ୟ ପସରା ମେଲିଥିଲା। ଏହାର ସ୍ୱାଦ ନେବା ପାଇଁ ଲୋକେ ଗହଳି ଜମାଇଥିଲେ। ସେହିପରି ଆଇସ୍‌କ୍ରିମ୍ ଷ୍ଟଲରେ ବି ଭଲ ବେପାର ହେଉଥିବା ଦେଖିବାକୁ ମିଳିଥିଲା।

### ଧାନ ନଡ଼ାରେ ଜଗନ୍ନାଥ

ପଲ୍ଲିଶ୍ରୀ ମେଳାରେ ବିଭିନ୍ନ ପ୍ରକାର ଷ୍ଟଲ ପଡ଼ିଛି। ତେବେ ଅଧିକ ସଂଖ୍ୟକ ଷ୍ଟଲରେ ଘରକରଣା ଓ ଘରସଜା ସାମଗ୍ରୀ ବିକ୍ରି ହେଉଛି। ଧାନ ନଡ଼ାରେ ବିଭିନ୍ନ ପ୍ରକାର କଳାକୃତି ତିଆରି ଷ୍ଟଲ ପଡ଼ିଛି। ଏହି କଳାକୃତି ମଧ୍ୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କଳାକୃତି ରହିଛି, ଯାହା ଦେଖଣାହାରୀଙ୍କ ପାଇଁ ବେଶ୍ ଆକର୍ଷଣୀୟ ସାଜିଛି। ଏହାକୁ ଆଣି ଆସିଥିବା ବ୍ୟବସାୟୀ କୁହନ୍ତି, ଧାନ ନଡ଼ାକୁ ଆଣି ଏହାକୁ ଖୋଲି ଦିଆଯାଏ। ପରେ ଏଥିରେ ଆଇରନ ଦିଆଯାଏ। କପଡ଼ା ଉପରେ ଅଠା ସାହାଯ୍ୟରେ ଯୋଡେଇ କରି ବିଭିନ୍ନ ପ୍ରକାର କଳାକୃତି ତିଆରି କରାଯାଏ। ଏହି କଳାକୃତି ମଧ୍ୟରେ ଟ୍ରାଇବାଲ ଆର୍ଟ, ମଡର୍ନ ଆର୍ଟ, ପଶୁପକ୍ଷୀ, ବିଭିନ୍ନ ଦେବଦେବୀଙ୍କ କଳାକୃତି ରହିଛି।

### ପାଗ ଭଲ ରହିଲେ ବେପାର ଭଲ ହେବ

ମେଳାରେ ବିଭିନ୍ନ ପ୍ରକାର ଘରକରଣା ସାମଗ୍ରୀ ମଧ୍ୟରୁ ଟେରାକୋଟାରେ ନିର୍ମିତ ସାମଗ୍ରୀର ଅଧିକ ଚାହିଦା ରହିଛି। ଏଥିରେ ନିର୍ମିତ ଫ୍ଲାୱାର ବେସ୍, ହାତୀ ପ୍ରଭୃତି ଆକର୍ଷଣୀୟ ଦେଖାଯାଉଛି। ମେଳା ବୁଲିବାକୁ ଆସିଥିବା ଲୋକେ ମଧ୍ୟ ଏହାକୁ ନିରିଖେଇ ଦେଖୁଛନ୍ତି। କେହି କେହି ମଧ୍ୟ ସାମଗ୍ରୀ କିଣି ନେଉଛନ୍ତି। ପଶ୍ଚିମବଙ୍ଗ ଚବିଶପ୍ରଗଣାରୁ ଏହାକୁ ଆଣି ଆସିଥିବା ସମୀର ପଲ୍ କହିଛନ୍ତି, ଆରମ୍ଭରୁ ବର୍ଷା ଯୋଗୁ ବେପାର ଭଲ ହେବନି ବୋଲି ଭାବୁଥିଲି। କିନ୍ତୁ ଧୀରେ ଧୀରେ ଗହଳି ହେଉଛି, ଆଉ ଭଲ ବ୍ୟବସାୟ ହେଉଛି। ଗତବର୍ଷା କିନ୍ତୁ ମେଳା ପରିସରରେ ପାଣି ଜମିଥିଲା। ବେପାର ସେମିତି ହୋଇ ନ ଥିଲା। ଆଗକୁ ଯଦି ପାଗ ଭଲ ରହେ ବେପାର ମଧ୍ୟ ଭଲ ହେବ ବୋଲି ଆଶା ରଖିଛୁ।